ହାତୀ, ରାଣୀ, କାଠ, କାଣୀ, ସଖୀ, ଝୀକା, ଶୀତ, ନଦୀ, ଛୁରୀ, ଦୀପ, ବୀଣା, ହୀନା, ହୀରା, ଦୀନ, ବୀର, ନାରୀ, ମହୀ, ମୀନ, ଭୀମ, ଭୀତ, ପୀଡ଼ା, ଧନୀ, ପାପୀ, ଲୀଳା, ନୀଳ, ବାଣୀ, ତୀର, କାକୀ, ପୀତ, ସତୀ, କାଳୀ, ବେଣୀ, ଖୁଡ଼ୀ, ଦାସୀ, ସୀମା, ପକ୍ଷୀ, ସୀତା, ଦେବୀ, ପୁରୀ, ଚୌଠୀ, ଗୌଣୀ. ଶୌରୀ, ଗୌରୀ, ପୌଝୀ, ଲୋଭୀ, ଶୋଷୀ, କେତକୀ, ଦୀକ୍ଷା, ବିଜୁଳୀ, କୌମୁଦୀ. ଭୈରବୀ, ଭୌଣୀ, ଭଣିଜୀ, ପିଉସୀ, ମାଉସୀ, ନାତୁଣୀ, କେତକୀ, ମାଳତୀ, ଧରଣୀ, ଦୀନନାଥ, ପୀତବାସ, ବୈରାଗୀ, ପୋଖରୀ, ମୁରଲୀ, କାହାଣୀ, କାହାଳୀ, ନବୀନ, ସେବତୀ, ରେବତୀ, ଭଗବତୀ, ଶରୀର, ଅଧୀନ, ଫକୀର, ଭୀଷଣ, ଜୀବନ, ମାଧୁରୀ, ପୀଡ଼ିତ, ଲହରୀ, ପାଲ୍ଟଣୀ, ଚମାରୁଣୀ, କେଉଟୁଣୀ, କେଳୁଣୀ, ସୌତୁଣୀ, ଗୌଡୁଣୀ, କଉରୀ, ଦରଜୀ, ଉକୁଣୀ, ତରକାରୀ, ବିନୀତ, ନୀଳମଣି, ଶୀତଳ, ଉପକାରୀ, ସୁଶୀତଳ, କେଶରୀ, ଯୁବତୀ, ବାଘୁଣୀ, ସାଧବୀ, ରାଜଧାନୀ, ଗଭୀର, ବିରୋଧୀ, ଅସୀମ, ଗିରିଧାରୀ, ରମଣୀ, ପରୀକ୍ଷା, ଅଧିକାରୀ, ପରଦେଶୀ, ବିଦେଶୀ, ବାଲୁରୀ, ସଜୀବ, ଉପଯୋଗୀ, ଶୀକାରୀ, ସମୀପ, ଜନନୀ, ସୁନୀଛ, ଚୌଧୁରୀ ।

ବେଳ ବୁଡ଼ିଲେ ଦୀପ ଲଗାନ୍ତୁ । ହାତୀ ଧୀରେ ଧୀରେ ଆସୁଅଛି । ମୋତେ ବଡ଼ ଶୀତ ହେଉଅଛି । ନୀଚ ଲୋକ ଚୋରି କରନ୍ତି । ମାଳତୀ ମାଉସୀ ଗୀତ ଗାଇଲା । ନୀଳମଣି ପୋଖରୀରେ ଗୀତ ଗାଉଅଛି । ରୋଗୀକୁ ଔଷଧ ଦିଅ । ମୁରଲୀ କାହାଳୀ ବଜାଉ ଅଛି । ଭୀମ ଶୋଇ ଉଠିଲାଣି । ବୁଢ଼ିମାଉସୀର ପାକୁଆ ଦାନ୍ତ । ସପୁରୀ ପାଚିଲାଣି । ବୈରାଗୀ ଗିରିଧାରୀକୁ ପରୀକ୍ଷା କଲା । ଗଉଡ଼ୁଣୀ ଦହି ବିକୁଅଛି । ଭଗବତୀ ପୀଡ଼ିତ ଅଛି । ନବୀନର ଧରଣୀ ପରିବା କାଟୁଅଛି । ମୁରଲୀ କାହାଳୀ ବଜାଇଲା । ନୀଳମଣି ତାହାର ଭଉଣୀ

Source: FB Nanda, Digitized by PPRACHIN, SOA

ଓ ଭଣିଜାକୁ ଧରି ଯାଉଛି ଦେଖି ଯିବ । ବଗିଚାରେ କେତକୀ, ସେବତୀ, କଅଁଳୀ ଓ ମାଳତୀ ଫୁଲ ଫୁଟିଅଛି । ପୀତବାସ ଚୌଧୁରୀ ବଡ଼ ଉପକାରୀ ଅଟନ୍ତି । ନଦୀର ଜଳ ବଡ଼ ଶୀତଳ ହୋଇଅଛି । ବୈରାଗୀ ତାହାର ବୁଢ଼ି ଅଈଠାରୁ କାହାଣୀ ଶୁଣୁଅଛି ।

ପଞ୍ଚାଶତ୍ ପାଠ

ମୂଷା	ଦୂର	ନୂଆ	ଧୂଳି

ମୁ	ମୂ
ଦୁ	ଦୂ
ନୁ	ନୂ
ଧୁ	ଧୂ

ପୁ	ପୂ
ଶୁ	ଶୂ
ହୁ	ହୂ
ରୁ	ରୂ

ଛୁ	ଛୂ
ଜୁ	ଜୂ
ଟୁ	ଟୂ
ଫୁ	ଫୂ

ମି	ମୀ	ମୁ	ମୂ	ମେ	ମୈ	ମୋ	ମୌ
ଦି	ଦୀ	ଦୁ	ଦୂ	ଦେ	ଦୈ	ଦୋ	ଦୌ
ନି	ନୀ	ନୁ	ନୂ	ନେ	ନୈ	ନୋ	ନୌ
ଧି	ଧୀ	ଧୁ	ଧୂ	ଧେ	ଧୈ	ଧୋ	ଧୌ
ପି	ପୀ	ପୁ	ପୂ	ପେ	ପୈ	ପୋ	ପୌ
ହି	ହୀ	ହୁ	ହୂ	ହେ	ହୈ	ହୋ	ହୌ

Source: FB Nanda, Digitized by PPRACHIN, SOA

ଚୂଡ଼ା, ପୂଜ, ପୂଜା, ଭୂମି, ତୂଳା, ଚୂନ, ସୂତା, ଦୂର, ମୂନ, ନୂତନ, ଦୂତ, ଦୂବ, ଧୂପ, ଧୂମ, ମୂଢ଼, ରୂପ, ପୂର, ନୂଆ, ମୂଳ, କୂଳ, ମୂଷା, କୂପ, ମୂତ, ଭୂତ, ଶୂଳ, ଚୂନା, ଗୂଢ଼, ତୂଳା, ଧୂସର, ଧୂମାଳ, ଧୂଳିଆ, ମୂନିଆ, ମୟୂର, ମୂଳିଆ, ନୁଖୁରା, ଶୂକର, ଭୂତଳ, ନୂପୁର, ଗଛମୂଳ, ନଦୀକୂଳ, ଦୂରବାଟ, କୂପଜଳ, ମୂଷାଗାତ, ଦୂବଘାସ, ଅନୁକୂଳ, କୌତୂହଳ, ନଟକୂଟ, ଧୂପଦାନି ।

କକୁଡ଼ାର ଚୂଳ ଅଛି । କୂଅମୂଳ ଓଦା ହୋଇଅଛି । ଶିମିଳି ତୂଳା ଉଡ଼ୁଅଛି । ମୋ ମା ଦୂତିଆ ଓଷା କରୁଅଛି । ଦହିଚୁଡ଼ା ଖାଇଲେ ପେଟ ଖରାପ ହୁଏ । ମୋ ନନା ବଡ ଦୂର ଜାଗାରେ ଚୂକର କରନ୍ତି । ତୁମେ ଦୂରରେ ବସ । ଧୂଳିରେ ଧୂସର ହୁଅନା । ଗାଈକୁ ଦୂବଘାସ ଦିଅ । ନୁଖୁରା ହୋଇ ଗାଧୁଅ ନା । ମୂଷା ମାଟିରେ ଗାତ କରି ରହେ । ପିଲାମାନେ ଧୂଳିଘର କରି ଖେଳନ୍ତି । ନଦୀକୂଳ ପବନ ବଡ ଶୀତଳ । ମୟୂରମାନେ ଆକାଶରେ ମେଘ ଦେଖିଲେ ନାଚନ୍ତି । ରେବତୀର ଘାରେ ପୂଜ ଜମିଗଲାଣି । ଧୂପଦାନିରେ ଝୁଣା ପକାଅ । ନଟବରର ମୂଳିଆ ତାଙ୍କର ବାଛୁରୀ ସକାଶେ ଦୂବଘାସ ଆଣିବ ।

ଏକପଞ୍ଚାଶତ୍ ପାଠ

ଋଷି	ଋଣ

Source: FB Nanda, Digitized by PPRACHIN, SOA

ଶୀତଋତୁରେ କାକର ପଡେ । ଋଷିମାନେ ବନରେ ରହନ୍ତି । ଦାଦାଙ୍କର ବହୁତ ଟଙ୍କା ଋଣ ଅଛି । ଗୁରୁବାବୁ ବହି ପଢୁଅଛନ୍ତି । ଋଷଭ ନାୟକ ନଦୀକୂଳରେ ମାଛ ଧରୁଅଛନ୍ତି ।

ଦ୍ୱିପଞ୍ଚାଶତ୍ ପାଠ

ଗୃହ	ତୃଷା

କୀ	କୃ	କୃ
ଗୀ	ଗୃ	ଗୃ
ତୀ	ତୃ	ତୃ
ପୀ	ପୃ	ପୃ

ଟୀ	ଟୃ	ଟୃ
ମୀ	ମୃ	ମୃ
ଦୀ	ଦୃ	ଦୃ
ନୀ	ନୃ	ନୃ

ତୃଣ, ଘୃଣା, ବୃଥା, ମୃତ, ପିତୃ, ମାତୃ, ମୃଗ, କୃମି, କୃପା, ଘୃତ, ଦୃଢ, ଶୃଙ୍ଗ, ଧୃତ, କୃଷି, ଶୃଙ୍କ, ବୃଷ୍ଟି, କୃଷକ, ନୃପତି, ପୃଥିବୀ, ଶୃଗାଳ, ହୃଦୟ, ଆକୃତି, ସରୀସୃପ, ହୃଷୀକେଶ, ବୃଷଭ, ମୃଣାଳ, ମୃଗୟା, ଅମୃତ, କୃପଣ, ମସୃଣ, କୃତ୍ତିବାସ, ନୃପମଣି ।

Source: FB Nanda, Digitized by PPRACHIN, SOA

କୃଷକ ଧରଣୀ ଗୃହ ଲିପୁଅଛି । ହରି ବୃଥା କଥା କହୁ ଠକି ଦେଉଅଛି । ଗାଈକୁ ତୃଣ ଦିଅ । ମାଳତୀ ଗୃହ ଝାଡୁଅଛି । ହୃଷୀକେଶର ହୃଦୟ ବଡ଼ କୋମଳ । ମୋତେ ଦୃଢ଼ ଜବାବ ଦିଅ । ମୃତଲୋକକୁ ପୋଡ଼ିଦେବା ଉଚିତ । ଭଗବାନଙ୍କର କୃପାରୁ ମୋ ଦେହ ଭଲ ଅଛି । କୃପଣ ଲୋକମାନେ ବହୁତ ଟଙ୍କା ପଇସା ରଖି ପାରନ୍ତି । ବୃଷଭ ତାହାର ପଢ଼ାରେ କେବେ ହେଲେ ତ୍ରୁଟି କରେ ନା । ବାଘର ଆକୃତି ଠିକ୍ ଭୁଆବିରାଡ଼ି ପରି ।

ତ୍ରିପଞ୍ଚାଶତ୍ ପାଠ

କଂସା	ହଂସ	ବଂଶୀ

ଗଂ-ଚଂ-ଫଂ-ଦଂ-ଡଂ-ଛଂ-ଶଂ-ଯଂ-ଢଂ ।

ମାଂସ, ହିଂସା, ସିଂହ, ଏବଂ, କିଂବା, ଅଂଶ, ବଂଶ, କଂସ, ଛଂଛଂ, ଚଂଚଂ, ବରଂ, ଧ୍ୱଂଶ, ସଂଗୀତ, ସଂସାର, ମୀମାଂସା, ସଂବାଦ, ଲାଂଗଳ, ମଂଦାର, ଦଂଶନ, ଧ୍ୱଂଶତ, ସୁତରାଂ, ସାରାଂଶ, କଂସାରି, ବଂଶଜ, ବାରଂବାର, ବଶଂବଦ, ବଂଶୀଧର, ଅଂଶୀଦାର, ହିଂସାଳିଆ, ହଂସୁକୁଟିଆ, ସିଂହାସନ, ସଂଗମ, ଆଶଂକା, ସଂଯୋଗ ।

ସିଂହ ମାଂସ ଖାଏ । ହଂସ ଜଳରେ ଖେଳୁଅଛି । ରାମ ବଂଶୀ ବଜାଉଅଛି । ମା ମତେ କଂସାରେ ଭାତ ଦେଲେ । ଦେବତାର

Source: FB Nanda, Digitized by PPRACHIN, SOA

ମଣେ ହିଂସା କରେ । ରାମ ଏବଂ ସୀତା ବନକୁ ଗଲେ । ଗୁରୁ କୋଳାଶର ଲେଖାକୁ ସଂଶୋଧନ କଲେ । ବରାଡ଼ ମୋ କଂସାରୁ ଭାତ ତଅଣ ଖାଇଗଲା । ବଂଶୀଧରର ଉପବାସରେ ହଂସା ଉଡ଼ିଗଲା । କଂସାରିମାନେ କଂସା ତିଆରି କରନ୍ତି । ବଳଦମାନେ ଲଙ୍ଗଳରେ ହଳ କରନ୍ତି । ରାମ ଏବଂ ଲକ୍ଷ୍ମଣ ସୀତାଙ୍କ ସହିତ ବନକୁ ଗଲେ । କାହାରିକୁ ହିଂସା କର ନା ।

ଚତୁଃପଞ୍ଚାଶତ୍ ପାଠ

ଦୁଃଖୀ | ଦୁଃସାହସ

କଂ-କଃ, ଦୁଂ-ଦୁଃ, ବଂ-ବଃ, ଚଂ-ଚଃ, ହିଂ-ହିଃ, ମୁଂ-ମୁଃ, ହଂ-ହଃ, ତିଂ-ତିଃ, ପଂ-ପଃ, ସାଂ-ସା, ଖଂ-ଖଃ, ଘଂ-ଘଃ, ଝଂ-ଝଃ, ଟେଂ-ଟେଃ, ଠଂ-ଠଃ ।

ଓଃହୋଃ, ଦୁଃଖୀ, ଯଶଃ, ମାତଃ, ପିତଃ, ମନଃ, ତେଜଃ, ଓଜଃ, ଦୁଃଖିତ, ଦୁଃସହ, ନିଃଶେଷ, ଦୁଃଶୀଳା, ନମୋନମଃ । ଦୁଃଶାସନ, ପୁନଃପୁନଃ, ନିଃସହାୟ, ନିଃସଂଶୟ ।

ଦୁଃଖ ସହିଲେ ସୁଖ ମିଳେ । ସଂସାରେ ବଡ଼ ଦୁଃଖ ହୁଏ । ଦୁଃଖୀକୁ ଦୟା କର । ମୋ ମନ ବଡ଼ ଦୁଃଖିତ ଅଛି । ଦୁଃଶାସନ ବଡ଼ ଦୁଃଖ ସହି ପାରେ ।

Source: FB Nanda, Digitized by PPRACHIN, SOA

କୌଣସି ବିଷୟ ପୁନଃ ପୁନଃ ଲେଖିଲେ ଭଲ ମନେ ରହେ । ବଂଶୀଧର ନିଃସଂଶୟ ହୋଇ ଗୃହକୁ ଗଲେ । ଭିକ୍ଷୁକମାନେ ନିଃସହାୟ ଅଟନ୍ତି । ଓଃ, ହୋଃ, କି ଦୁଃଖ ମୋ ଉପରେ ପଡ଼ିଲା ।

ପଞ୍ଚପଞ୍ଚାଶତ୍ ପାଠ

ମାଉଁ	ନାହିଁ	ନିଆଁ	ପାଉଁଶ

ଇଂ	ଇଃ	ଇଁ
ହିଂ	ହିଃ	ହିଁ
ଆଂ	ଆଃ	ଆଁ
ଉଂ	ଉଃ	ଉଁ
ଗଂ	ଗଃ	ଗଁ

ଚଂ	ଚିଃ	ଚିଁ
ମୂଂ	ମୂଃ	ମୁଁ
ଡଂ	ଡଃ	ଡଁ
ହଂ	ହଃ	ହଁ
କଂ	କଃ	କଁ

ଏଁ, ମୁଁ, ଛୁଇଁ, ସୁହିଁ, ଅଁଳା, ଡେଇଁ, ମାମୁଁ, ଝିଅଁ, ଗାଆଁ, ସେଇଁ, କାହିଁ, କରୁଁ, ଠାଇଁ, କିଆଁ, ଝାଉଁ, ଧୁଆଁ, ମୁହଁ, ଭୁଇଁ, ଝିଅଁ, ମୁଆଁ, ଗୁହିଁ, ବାଆଁ, ଅଚ୍ଛୁଁ । ଭଉଁରୀ, ଚଅଁର, କଅଁଳା, ମାଉଁସ, ଟାଆଁଳା, କାହିଁକି, ବଣିଆଁ, ପହଁରା, କପାଇଁ, ବାଉଁଶ, ଗୁହିଁବା, କାଇଁଚ, ଅଇଁସ, ଭଅଁର, ଚଉଁରୀ, ଡଅଁର, ଧାଇଁବା, ଗୋସାଇଁ, ଗଇଁଠା, କଇଁଅ, ପଇଁଚ, କଇଁଚି, ଭଇଁର, ଭୁଇଁଅ,

Source: FB Nanda, Digitized by PPRACHIN, SOA

ଯାଉଁଯାଉଁ, କାଉଁରିଆ, କଇଁଫୁଲ, ଡେଉଁରିଆ, ଘିଅକୁଆଁରୀ, ଭଉଁରିଆ, ମିଉଁ ମିଉଁ, କଅଁଳ, ଅଇଁଠା, ଡଆଁସ, ବାଉଁଶ, କାଇଁଚ, କୁଆଁଥରି, କୁଆଁ କୁଆଁ, କୁଆଁରୀ, ଝାଉଁଳ, ଝଡ଼ାଆଁସ, ମାଉଁଳ, ମଇଁଷିଆଳ, ମହିଅଁ, ଡେଇଁଡେଇଁ, ସାଉଁଳେଇବା, ସୁଆଁଫୁଲ, ବଇଁଅ, କଇଁଥ, ଗୁଆଁସରୁଇଁ, ଗୁଇଁ ପଖାଳ, ପହଁରିବା, ବାଆଁ ହାତ, ଚଇଁଶା, ବଣାଇଁ, ମନେଇଁ, କେଉଁଠି, ଶୁନଆଁ, ଚୁନଆଁ ।

ମୁଁ ଏବଂ ମାଳତୀ ମାମୁଁଘରକୁ ଯିବୁଁ । ବେଳ ଡଇଁଲଣି । ପାଉଁଶରେ କଂସା ମାଜ । ଚୁଲିରେ ନିଆଁ ନାହିଁ । ଠେକୁଆ କଇଁଅ ଗଛମୂଳରୁ ଡେଇଁ ଡେଇଁ ପଳାଇଲା । ରକା ଚକା ଭଉଁରୀ, ମାମୁଁ ଘର ଚଉଁରୀ । କେତକୀ ଓ ସେବତୀ ମାଇଁକୁ ଯୁଇଫୁଲ ଦେଲେ । ହର ହର ଦୁହେଁ ଯାଆଁଳା ଭାଇ । ବରାଡ଼ି ମିଆଉଁ ମିଆଉଁ କରୁ-ଅଛି । ସେବତୀ ମାଉସୀର ନୂଆ ପୁଅ ଅନ୍ତୁଡ଼ିଶାଳରେ କୁଆଁ କୁଆଁ କରୁଅଛି । ମୁଁ କେଉଁଠି ବହି ରଖିଛି ମୋର ମନେ ନାହିଁ । ମୋହନ ଗୋସାଇଁ ଅଇଁଷ ଖାନ୍ତି ନାହିଁ । ପୋଖରୀରେ ନାଳକଇଁ ଫୁଟିଅଛି । ଫୁଲଗଛଟି ପାଣି ଅଭାବରୁ ଝାଉଁଳି ପଡ଼ିଲଣି ।

Source: FB Nanda, Digitized by PPRACHIN, SOA

ଷଟ୍‌ପଞ୍ଚାଶତ୍ ପାଠ

ବିଦ୍ୟା | ସତ୍ୟ | ରାଜ୍ୟ

କ୍ୟ	ପ୍ୟୁ	ଚ୍ୟେ	ହ୍ୟୈ	ଜ୍ୟ	ଲ୍ୟା	ସ୍ୟୂ
ତ୍ୟୂ	ମ୍ୟେ	ସ୍ୟୀ	ଣ୍ୟ	ଛ୍ୟୋ	ଛ୍ୟି	ଯ୍ୟୈ
ସ୍ୟା	ଦ୍ୟୋ	ଛ୍ୟୈ	ଥ୍ୟା	ଯ୍ୟା	ଶ୍ୟ	ନ୍ୟେ
ଫ୍ୟୂ	ଦ୍ୟୂ	ଘ୍ୟୋ	ଦ୍ୟେ	ଗ୍ୟ	ଜ୍ୟୌ	ଶ୍ୟୀ

ବୈଦ୍ୟ, ଶୂନ୍ୟ, ନ୍ୟାୟ, ମୂଲ୍ୟ, ଶିଷ୍ୟ, ଶ୍ୟାମ, ମଦ୍ୟ, ଶଯ୍ୟା, ବାଦ୍ୟ, ଖାଦ୍ୟ, ମିଥ୍ୟା, ହାସ୍ୟ, ବାକ୍ୟ, ମାନ୍ୟ, ତୁଲ୍ୟ, ଯୋଗ୍ୟ, ବାଧ୍ୟ, ସାଧ୍ୟ, କନ୍ୟା, ଅନ୍ୟ, ଅଯୋଗ୍ୟ, ଅନିତ୍ୟ, ଅରଣ୍ୟ, ମନୁଷ୍ୟ, ଆଳସ୍ୟ, ଆବଶ୍ୟକ, ସାହାଯ୍ୟ, ସାମାନ୍ୟ, ଅବଶ୍ୟ, ଅଭ୍ୟାସ, ଅସଂଖ୍ୟ, ମାଣିକ୍ୟ, ଅଭାଗ୍ୟ, ଅସଭ୍ୟ, ଆରୋଗ୍ୟ, ବ୍ୟବସାୟ, ପଦ୍ୟ, ଗଦ୍ୟ, ଧ୍ୟାନ, ଧନ୍ୟ, ତଥ୍ୟ, ଅରଣ୍ୟ, ଶ୍ୟାମଳ, ରହସ୍ୟ, ଅବାଧ, ଯଦ୍ୟପି, ଅସହ୍ୟ, ବିଦ୍ୟାଳୟ, ସୌଭାଗ୍ୟ, ଅଭିମନ୍ୟୁ, ବାଲ୍ୟକାଳ, ବାଣିଜ୍ୟ, ମନ୍ତବ୍ୟ, ସାହିତ୍ୟ, ସୈନ୍ୟ, ଚୈତନ୍ୟ, ଶସ୍ୟ, ଧାନ୍ୟ, ଭୃତ୍ୟ, ତ୍ୟାଗ, ମୃତ୍ୟୁ, ବନ୍ୟା, ମଧ୍ୟପୁର, ବ୍ୟଥା, ବ୍ୟାକରଣ, ବ୍ୟାକୁଳ, ବ୍ୟବହାର, ଉଦ୍ୟାନ, ପ୍ରତ୍ୟେକ, ଅନ୍ୟାନ୍ୟ, ଅସାମାନ୍ୟ, ଅନ୍ୟାୟ, ଇତ୍ୟାଦି, ପାଠ୍ୟ, ପଥ୍ୟ, ବ୍ୟାଧି, ସଂଖ୍ୟା ।

Source: FB Nanda, Digitized by PPRACHIN, SOA

ମନୁଷ୍ୟମାନେ କାମରେ ଲଗିଛନ୍ତି । ଶ୍ୟାମ, ବୈଦ୍ୟନାଥ ଦୁଃଖିକୁ ସାହାଯ୍ୟ କଲେ । ଆଳସ୍ୟ କଲେ ବଳ କ୍ଷୟ ହୁଏ । ମିଥ୍ୟା କହିବା ଆଦୌ ଉଚିତ ନୁହେଁ । ବୈଦ୍ୟ ରୋଗିକୁ ଔଷଧ ଦେଲେ । ଗୁରୁଙ୍କୁ ମାନ୍ୟ କର । ଶିଷ୍ୟମାନେ ବିଦ୍ୟା ଅଭ୍ୟାସ କରୁଅଛନ୍ତି । ମହୁଲ ରସରୁ ମଦ୍ୟ ହୁଏ । ଏଠାରେ ଠିଆ ହେବାର କୌଣସି ଆବଶ୍ୟକ ନାହିଁ । କୈବଲ୍ୟ ସବୁଦିନେ ବିଦ୍ୟାଳୟକୁ ଆସେ ।

ସପ୍ତପଞ୍ଚାଶତ୍ ପାଠ

ଜ୍ୱର	ଦ୍ୱାର



ଜ୍ୱ-ଜ୍ୱ, ହ୍ୱ-ହ୍ୱ, ମ୍ୱ-ମ୍ୱ, ଭ୍ୱ-ଭ୍ୱ, ଲ୍ୱ-ଲ୍ୱ, ତ୍ୱ-ତ୍ୱ, ଯ୍ୱ-ଯ୍ୱ, ଶ୍ୱ-ଶ୍ୱ, ଦ୍ୱ-ଦ୍ୱ, ଥ୍ୱ-ଥ୍ୱ, ଷ୍ୱ-ଷ୍ୱ, ଘ୍ୱ-ଘ୍ୱ, ସ୍ୱ-ସ୍ୱ, ଧ୍ୱ-ଧ୍ୱ, ଫ୍ୱ-ଫ୍ୱ, ଗ୍ୱ-ଗ୍ୱ ।

ଲ୍ୱ	ମ୍ୱ	ସ୍ୱୋ	ତ୍ୱ	ଦ୍ୱି	ଝ୍ୱା	ଦ୍ୱେ	ତ୍ୱ	ଥ୍ୱ	ଦ୍ୱ
ହ୍ୱା	ଜ୍ୱେ	ଜ୍ୱୋ	ଗ୍ୱ	ଧ୍ୱ	ଶ୍ୱ	ଛ୍ୱ	ନ୍ୱ	ଫ୍ୱେ	ଷ୍ୱ
ମ୍ୱ	ତ୍ୱୀ	ଲ୍ୱ	ସ୍ୱ	ନ୍ୱେ	ଗ୍ୱ	ଶ୍ୱୋ	ନ୍ୱା	ମ୍ୱ	ସ୍ୱ

Source: FB Nanda, Digitized by PPRACHIN, SOA

ସ୍ୱାମୀ, ପକ୍ୱ, ଧ୍ୱଂଶ, ତ୍ୱରା, ପୃଥ୍ୱୀ, ଦ୍ୱିଜ, ଜିହ୍ୱା, ଜ୍ୱାଇଁ, ସ୍ୱର, ଜ୍ୱାଳା, ଶ୍ୱେତ, ଧ୍ୱଜ, ଦ୍ୱୀପ, ଅଶ୍ୱ, ସ୍ୱଭାବ, ଈଶ୍ୱର, ନିଶ୍ୱାସ, ଆଶ୍ୱିନ, ବିଶ୍ୱାସ, ଗହ୍ୱର, ସତ୍ୱର, ତପସ୍ୱୀ, ସଜତ୍ୱ, ସ୍ୱାଧୀନ, ଦ୍ୱାସ୍ଥ, ସ୍ୱୀକାର, ବିଶ୍ୱନାଥ, ଉଦ୍ୱେଗ, ବିହ୍ୱଳ, ଅନ୍ୱେଷଣ, ଅଶ୍ୱିନୀ, ଆହ୍ୱାନ, ଉଜ୍ଜ୍ୱଳ, କଜ୍ୱଳ, ସିଂହଦ୍ୱାର, ସ୍ୱାକ୍ଷର, ଦ୍ୱାଦଶ, ସାନ୍ତ୍ୱନା, ତେଜସ୍ୱୀ, ସରସ୍ୱତୀ, ଶ୍ୱଶୁର ।

ଆଶ୍ୱିନ ମାସରେ କାଇଁଫୁଲ ଫୁଟେ । ବିଶ୍ୱନାଥ ନିଶ୍ୱାସ ମାରି ପାରୁନାହିଁ । ଅଶ୍ୱିନୀ ମୋତେ ବିଶ୍ୱାସ କରେ । ମାଉସୀ ମାଇଁଙ୍କି ସାନ୍ତ୍ୱନା ଦେଲେ । ଈଶ୍ୱରଙ୍କୁ ସାମାନ୍ୟ ଜ୍ୱର ହେଉଅଛି । ଚୈତନ୍ୟ ତେଜସ୍ୱୀ ଅଟେ । ବିଦ୍ୟାଧର ସିଂହଦ୍ୱାର ମୁହଁରେ ଠିଆ ହୋଇଅଛି । ବିଶ୍ୱନାଥର ସ୍ୱଭାବ ଖୁବ ଭଲ । ଆଜି ପ୍ରତ୍ୟେକ ବିଦ୍ୟାଳୟରେ ସରସ୍ୱତୀ ପୂଜା ହେବ । ତପସ୍ୱୀମାନେ ଅରଣ୍ୟରେ ମଠ କରି ରହନ୍ତି ।

ଅଷ୍ଟପଞ୍ଚାଶତ୍ ପାଠ

ଚକ୍ର	ପତ୍ର	ଶୀଘ୍ର	ଗ୍ରାମ

କ୍ୟ	କ୍ୱ	କ୍ର	ସ୍ୟ	ସ୍ୱ	ସ୍ର
ତ୍ୟ	ତ୍ୱ	ତ୍ର	ଖ୍ୟ	ଖ୍ୱ	ଖ୍ର
ଘ୍ୟ	ଘ୍ୱ	ଘ୍ର	ହ୍ୟ	ହ୍ୱ	ହ୍ର
ଗ୍ୟ	ଗ୍ୱ	ଗ୍ର	ମ୍ୟ	ମ୍ୱ	ମ୍ର
ପ୍ୟ	ପ୍ର	ପ୍ର	ଚ୍ୟ	ଚ୍ୱ	ଚ୍ର

Source: FB Nanda, Digitized by PPRACHIN, SOA

ଦ୍ରା	ଘ୍ରେ	ମୂ	ଫ୍ୟୋ	ଧ୍ରୂ	ପ୍ର	ସ୍ରୈ	କ୍ଟ	ଭ୍ରୂ	ଶ୍ରୀ
ତ୍ରୌ	ଦ୍ରେ	ଜ୍ର୍ୟେ	ଭ୍ୟୋ	ରୃ	ଦ୍ରୃ	ନ୍ରୂ	ପ୍ରୈ	ପ୍ରା	ପ୍ରୀ
ଛ୍ରୋ	ଟ୍ରୌ	ତ୍ରୃ	ଘୋ	ର୍ର	ଦ୍ରୋ	ହ୍ରୌ	ଥ୍ର	କ୍ୟୋ	ଲ୍ର

ପୁତ୍ର, ରାତ୍ରି, ବ୍ୟାଘ୍ର, ମନ୍ତ୍ର, ଶୂଦ୍ର, ମିତ୍ର, ଘ୍ରାଣ, ନିଦ୍ରା, ଶତ୍ରୁ, ପ୍ରୀତି, ପ୍ରେମ, ମୂତ୍ର, ବକ୍ର, କ୍ଷୁଦ୍ର, ଭ୍ରାତା, ପ୍ରଜା, ବ୍ରଜ, ଅନୁଗ୍ରହ, ପ୍ରମାଣ, ସମ୍ରାଟ, ସଂଗ୍ରହ, ପ୍ରଶଂସା, ପ୍ରକାଶ, ପବିତ୍ର, ପ୍ରଣାମ, ଦରିଦ୍ର, ସୁମିତ୍ରା, ପରିଶ୍ରମ, ପ୍ରକୃତ, କୃତ୍ରିମ, ଅନିଦ୍ରା, ପ୍ରଭାତ, ପ୍ରବେଶ, ଶ୍ରବଣ, ଆକ୍ରମଣ, ସମୁଦ୍ର, ସୁଗ୍ରୀବ, ପ୍ରହାର, ଚକ୍ରଧର, ସାମ୍ରାଜ୍ୟ, ଆଶ୍ରୟ, ଭ୍ରମଣ, ପ୍ରଧାନ, ଶୁକ୍ରବାର, ଶ୍ରୀଧର, ଦ୍ରୌପଦୀ, ଶ୍ରୀମତୀ, ଶ୍ରୀରାମ, ଶ୍ରୀପତି, ଶ୍ରୁତିଧର, ସହସ୍ର, ପ୍ରଥମ, ଶୁଭ୍ର, ମାତ୍ର, ଛତ୍ର, ପ୍ରଚୁର, ଧ୍ରୁବ, କୃତ୍ରିମ, କାର୍ଯ୍ୟ, ଗ୍ରହଣ, ନେତ୍ର, ଛିଦ୍ର, ଭ୍ରମର, ପ୍ରବେଶ ।

ଶତ୍ରୁମାନେ ତାହାଙ୍କର ରାଜ୍ୟରେ ପ୍ରବେଶ କଲେ । ବ୍ରଜ ଅବଶ୍ୟ ଶୁକ୍ରବାର ଦିନ ଗ୍ରାମରୁ ଆସିବ । ଚକ୍ରଧର ଦରିଦ୍ରମାନଙ୍କୁ ସାହାଯ୍ୟ କରେ । ମୁଁ ହରିଶ୍ୟାମକୁ ପ୍ରଶଂସା କରେ । ରାମ ପ୍ରତିଦିନ ଶଯ୍ୟାରୁ ଶୀଘ୍ର ଉଠେ । ବିଦ୍ୟାଧର କାଲି ରାତିରେ ଅନିଦ୍ରା ହେଲା । କାହିଁକି ? ବିଶ୍ୱନାଥ ମିଶ୍ରେ ବଡ଼ ପରିଶ୍ରମୀ ।

ପ୍ରହରୀମାନେ ସିଂହଦ୍ୱାରରେ ଦିନରାତ୍ରି ଜଗି ଅଛନ୍ତି । ଶ୍ରୀଧର ପ୍ରଧାନ ତାଙ୍କର ଜ୍ୱାଇଁ ଘରକୁ ଗଲେ । ତପସ୍ୱୀମାନେ ଆଶ୍ରମରେ ଥାନ୍ତି ।

Source: FB Nanda, Digitized by PPRACHIN, SOA

ଊନଷଷ୍ଟିତମ ପାଠ

ବର୍ଷ	ମୂର୍ଖ	ଦୁର୍ଗା	ପାର୍ବତୀ

କ୍ୟ	କ୍ୱ	କ୍ର	ର୍କ	ଶ୍ୟ	ଶ୍ୱ	ଶ୍ର	ର୍ଶ
ଷ୍ୟ	ଷ୍ୱ	ଷ୍ର	ର୍ଷ	ସ୍ୟ	ସ୍ୱ	ସ୍ର	ର୍ସ
ଖ୍ୟ	ଖ୍ୱ	ଖ୍ର	ର୍ଖ	ହ୍ୟ	ହ୍ୱ	ହ୍ର	ର୍ହ
ଗ୍ୟ	ଗ୍ୱ	ଗ୍ର	ର୍ଗ	ଫ୍ୟ	ଫ୍ୱ	ଫ୍ର	ର୍ଫ
ବ୍ୟ	ବ୍ୱ	ବ୍ର	ର୍ବ	ଡ୍ୟ	ଡ୍ୱ	ଡ୍ର	ର୍ଡ
ଚ୍ୟ	ଚ୍ୱ	ଚ୍ର	ର୍ଚ	ଦ୍ୟ	ଦ୍ୱ	ଦ୍ର	ର୍ଦ

Source: FB Nanda, Digitized by PPRACHIN, SOA

ଗର୍ବ, ବର୍ଷା, ଧର୍ମ, ସର୍ପ, କର୍ଣ୍ଣ, ସର୍ବ, ଚର୍ମ, ସୂର୍ଯ୍ୟ, ଅର୍ଥ, ପର୍ବ, ଗର୍ଭ, ପୂର୍ବ, କାର୍ଯ୍ୟ, ଆର୍ଦ୍ର, ପାର୍ଶ୍ୱ, ହର୍ଷ, ବର୍ଣ୍ଣ, ଗର୍ତ୍ତ, ଦୁର୍ଗ, ସ୍ୱର୍ଗ, ଅର୍ଘ୍ୟ, ପ୍ରଭୁ, କର୍ମ, ଖର୍ବ, ଦୀର୍ଘ, ଅର୍ପଣ, ଦର୍ଶନ, ମାର୍କେଣ୍ଡ, ଗର୍ବିତ, ପାର୍ବତୀ, ଦୁର୍ବଳ, କର୍ପୂର, ଆଦର୍ଶ, ମର୍କଟ, ପଦାର୍ଥ, ଅର୍ଜୁନ, ଗର୍ଜନ, ଦର୍ପଣ, ନିର୍ମଳ, ଦୁର୍ଯ୍ୟୋଧନ, ମହର୍ଷି, କର୍ଷଣ, ଅର୍ନ୍ତଦ୍ଧାଣ, ଯଥାର୍ଥ, ଚତୁର୍ଥ, ନିର୍ଦ୍ଦୋଷ, ନିର୍ଭୟ, ପ୍ରାର୍ଥନା, ଅଗ୍ରୁର୍ଯ୍ୟ, ଦୁର୍ଜନ, ଦୁର୍ନାମ, ବିସର୍ଗ, ନିର୍ଝର, ସୁଭଦ୍ରା, ଭଦ୍ରଲୋକ, ମର୍ଯ୍ୟାଦା, ସୂର୍ପଣଖା, ଉର୍ବଶୀ, ପର୍ଯ୍ୟନ୍ତ, ସଙ୍କୀର୍ତ୍ତନ, ଦୀର୍ଘାୟୁ, ନିର୍ବୋଧ, ବାର୍ଷିକ, ନିର୍ଧନ, ସର୍ବଦା, ପର୍ବତ ।

ସୂର୍ଯ୍ୟ ପ୍ରତିଦିନ ସକାଳେ ପୂର୍ବଦିଗରେ ଉଦୟ ହୁଏ । ଦୁର୍ଯ୍ୟୋଧନ ଦର୍ପଣରେ ମୁଖ ଦେଖୁଅଛି । ସର୍ବଦା ସୁକାର୍ଯ୍ୟ କର । ଅର୍ଜୁନ ସୁଭଦ୍ରା ଓ ଦ୍ରୌପଦୀଙ୍କୁ ବିବାହ କଲେ । ଭଦ୍ରଲୋକଙ୍କୁ ମର୍ଯ୍ୟାଦା କର । ଈଶ୍ୱର ପାର୍ବତୀ ଦୁଃଖୀର ଦୁଃଖ ଶୁଣନ୍ତି । ଦୁର୍ଗା ଦେବୀଙ୍କର ପୂଜା କର । ସରସ୍ୱତୀ ଗୌତମ ଅଗ୍ରୁର୍ଯ୍ୟଙ୍କର ଚତୁର୍ଥୀ କନ୍ୟା ଅଟନ୍ତି । ପର୍ବତରେ ଅନେକ ହିଂସ୍ରଜନ୍ତୁ ଅଛନ୍ତି । ଶ୍ରାବଣ ମାସରେ ପ୍ରବଳ ବର୍ଷା ହୁଏ । ସ୍ୱର୍ଗରେ ସୁଖ ଅଛି । ଅରଣ୍ୟରେ ବ୍ୟାଘ୍ର ଗର୍ଜନ କରୁଅଛି । ଧନୁର୍ଧର ନିର୍ଭୟ ବାଳକ ଅଟେ । ପ୍ରଭୁଙ୍କୁ ପ୍ରାର୍ଥନା କର ।

Source: FB Nanda, Digitized by PPRACHIN, SOA

ଷଷ୍ଟିତମ ପାଠ

ଜହ୍ନ	ଚିହ୍ନ	ସ୍ୱପ୍ନ

ହ୍	ହ୍ୟ	ହ୍ର	ର୍ହ	ହ୍ନ
ପ୍	ପ୍ୟ	ପ୍ର	ର୍ପ	ପ୍ନ
ତ୍	ତ୍ୟ	ତ୍ର	ର୍ତ	ତ୍ନ
ଚ୍	ଚ୍ୟ	ଚ୍ର	ର୍ଚ	ଚ୍ନ
କ୍	କ୍ୟ	କ୍ର	ର୍କ	କ୍ନ
ଗ୍	ଗ୍ୟ	ଗ୍ର	ର୍ଗ	ଗ୍ନ
ମ୍	ମ୍ୟ	ମ୍ର	ର୍ମ	ମ୍ନ
ସ୍	ସ୍ୟ	ସ୍ର	ର୍ସ	ସ୍ନ
ନ୍	ନ୍ୟ	ନ୍ର	ର୍ନ	ନ୍ନ

Source: FB Nanda, Digitized by PPRACHIN, SOA

ଭଗ୍ନ, ଅଗ୍ନି, ସ୍ନେହ, ସ୍ନାନ, ଜହ୍ନି, ଯତ୍ନ, ରତ୍ନ, ଅନ୍ଧ, ପ୍ରଶ୍ନ, ଭିନ୍ନ, ବିଘ୍ନ, କାହ୍ନୁ, ମଧ୍ୟାହ୍ନ, ଜଗନ୍ନାଥ, ରତ୍ନାକର, ଶତ୍ରୁଘ୍ନ, ପ୍ରାତଃସ୍ନାନ, ଫଲଗ୍ନ, ପ୍ରସନ୍ନ, କହ୍ନେଇ, ପ୍ରଦ୍ୟୁମ୍ନ ।

"ଜହ୍ନିଫୁଲ ଠୋଠା, ଚୁଟିଆମୂଷା ବହୁ ଯାଇଛନ୍ତି ଗୁଞ୍ଜଳ ମୁଠାଏ ଥୋଇଥା" । ରତ୍ନାକର ତାହାର ଭାଇ ଭଉଣୀକୁ ସ୍ନେହ କରେ । ମୁଁ ଗୋଟିଏ ସ୍ୱପ୍ନ ଦେଖିଅଛି । ଶତ୍ରୁଘ୍ନ ଜଗନ୍ନାଥଙ୍କୁ ପ୍ରଶ୍ନ ପଚାରୁ ଅଛି । ଯତ୍ନ କଲେ ରତ୍ନ ମିଳେ । "ଆରେ ଜହ୍ନମାମୁ ସ୍ୱରଗ ଶଶୀ, ମୋ କାହ୍ନୁ ସାଥିରେ ଖେଳିବୁ ଆସି" । ଯଶୋଦା କହ୍ନେଇକୁ କୋଳ କଲେ । ମୁଁ ତାଙ୍କୁ ଚିହ୍ନି ନାହିଁ ।

ଏକଷଷ୍ଠିତମ ପାଠ

ପଦ୍ମ	ଭସ୍ମ	ଜନ୍ମ

Source: FB Nanda, Digitized by PPRACHIN, SOA

ଧ୍ୱ	ଧ୍ୟ	ଧ୍ଯ	ଧ୍ର	ର୍ଧ	ଧ୍ନ	ଧ୍ମ
ସ୍ୱ	ସ୍ୟ	ସ୍ଯ	ସ୍ର	ର୍ସ	ସ୍ନ	ସ୍ମ
ନ	ନ୍ୟ	ନ୍ଯ	ନ୍ର	ର୍ନ	ନ୍ନ	ନ୍ମ
କ୍ଷ୍ୱ	କ୍ଷ୍ୟ	କ୍ଷ୍ଯ	କ୍ଷ୍ର	ର୍କ୍ଷ	କ୍ଷ୍ନ	କ୍ଷ୍ମ
ପ୍ୱ	ପ୍ୟ	ପ୍ଯ	ପ୍ର	ର୍ପ	ପ୍ନ	ପ୍ମ

ମ୍ନ	ମ୍ମ	ର୍କ୍ଷ	ସ୍ୟ	ତ୍ମ	ହ୍ନ	କ୍ଷ୍ୱ	ହ୍ମ
ସ୍ର	ର୍ହ	ପ୍ଯ	ର୍ତ	ନ୍ମ	ତ୍ଯ	ଧ୍ମ	ହ୍ୟ
ର୍ତ	ଧ୍ମ	ପ୍ନ	ଗ୍ମ	ନ୍ନ	ତ୍ମ	ହ୍ଯ	ଜ୍ର
ସ୍ୟ	ତ୍ୱ	କ୍ଷ୍ମ	ମ୍ର	ସ୍ମ	ର୍ତ	ତ୍ର	ତ୍ମ

ବ୍ରହ୍ମା, ଗ୍ରୀଷ୍ମ, ଲକ୍ଷ୍ମୀ, ଯକ୍ଷ୍ମା, ସୂକ୍ଷ୍ମ, ଗୁଲ୍ମ, ଭୀଷ୍ମ, ଅସ୍ମା, ଉଷ୍ମ,
ବ୍ରାହ୍ମଣ, ଲକ୍ଷ୍ମଣ, ଶ୍ମଶାନ, ରୁକ୍ମିଣୀ, ପଦ୍ମିନୀ, ସ୍ମରଣ, ଶାଲ୍ମଳୀ,

Source: FB Nanda, Digitized by PPRACHIN, SOA

ସମ୍ମାନ, ପଦ୍ମାବତୀ, ସମ୍ମତ, କାଶ୍ମୀର, ପଦ୍ମନାଭ, ଗହ୍ମାପୂର୍ଣ୍ଣିମା, ମହାତ୍ମା, ଦୁଷ୍ମନ୍ତ ।

ବ୍ରାହ୍ମଣମାନେ ମନ୍ତ୍ରପାଠ କରନ୍ତି । ଗ୍ରୀଷ୍ମକାଳରେ ସୂର୍ଯ୍ୟଙ୍କ କିରଣ ପ୍ରଖର ହୁଏ । ପଦ୍ମନାଭ ପ୍ରତିଦିନ ପ୍ରାତଃକାଳରେ ସ୍ନାନ କରେ । ବାଲ୍ମୀକି ଋଷି ରାମାୟଣ ଲେଖିଅଛନ୍ତି । ମାର୍ଗଶିର ମାସ ଗୁରୁବାର ଦିନ ଲକ୍ଷ୍ମୀପୂଜା ହୁଏ । ରାମ ଏବଂ ଲକ୍ଷ୍ମଣ ସୁଗ୍ରୀବଙ୍କ ସହିତ ସମୁଦ୍ରପାର ହୋଇ ଲଙ୍କାକୁ ଗଲେ । ପୋଖରୀରେ ବହୁତ ପଦ୍ମଫୁଲ ଫୁଟିଅଛି ।

ଦ୍ୱିଷଷ୍ଟିତମ ପାଠ

ଶ୍ଲେଷ୍ମ	କ୍ଲାନ୍ତ	ଶୁକ୍ଲ	ଉଲ୍ଲୁକା

କ୍ଣ	ଷ	କ୍ଲ	ଲ୍ଣ	ଲ୍ମ	ଲ୍ଲ	ସ୍ଣ	ସ୍ମ	ସ୍ଲ
ଶ୍ଣ	ଶ୍ମ	ଶ୍ଲ	ତ୍ଣ	ତ୍ମ	ତ୍ଲ	ଜ୍ଣ	ଜ୍ମ	ଜ୍ଲ
ଗ୍ଣ	ଗ୍ମ	ଗ୍ଲ	ପ୍ଣ	ପ୍ମ	ପ୍ଲ	ହ୍ଣ	ହ୍ମ	ହ୍ଲ
ଚ୍ଣ	ଚ୍ମ	ଚ୍ଲ	ଖ୍ଣ	ଖ୍ମ	ଖ୍ଲ	ବ୍ଣ	ବ୍ମ	ବ୍ଲ

Source: FB Nanda, Digitized by PPRACHIN, SOA

ଅମ୍ଳ, ପ୍ଳୀହା, କ୍ଳେଶ, ଗ୍ଳାସ, ଶ୍ଳୋକ, ଗେହ୍ଳା, ଶ୍ଳେଟ, ମ୍ଳାନ, ଦିଲ୍ଲୀ, ଝଲ୍ଲା, ଚୁଲ୍ଲି, ମଲ୍ଲୀଫୁଲ, ବଲ୍ଲଭ, ଅହ୍ଲାଦ, ପ୍ରହ୍ଲାଦ, ଅଶ୍ଳୀଳ, କ୍ଳୀବ, ଅକ୍ଳେଶ ।

ଭଲ୍ଲୁକ ଅରଣ୍ୟରେ ଥାଏ । ଗ୍ରୀଷ୍ମକାଳରେ ମଲ୍ଲିଫୁଲ ଫୁଟେ । ସ୍ୱମ ଅହ୍ଲାଦରେ ଗୀତ ଗାଉଅଛୁ । ପ୍ରହ୍ଲାଦକୁ ପ୍ଳୀହାଜ୍ୱର ହେଉଅଛି । ପଦ୍ମନାଭ ରୁକ୍ମିଣୀଙ୍କୁ କଥା କହିଲ । ଚୁଲ୍ଲିରେ ନିଆଁ ଅଛି । କହେଇ ତାହାର ବାପମାଙ୍କର ଗେହ୍ଳା ପୁଅ ଅଟେ । ଦୀଲ୍ଲେଶ୍ୱର ଶ୍ଳୋକ ବୋଲି ପାରେ । ମୁଁ ପଢ଼ି ପଢ଼ି କ୍ଳାନ୍ତ ହୋଇ ଗଲିଣି ।

ତ୍ରିଷଷ୍ଟିତମ ପାଠ

ମୁଣ୍ଡ	କାଣ୍ଡ	ଲଣ୍ଡା	ପିଣ୍ଡା

ଥଣ୍ଡା, ଭେଣ୍ଡି, ରାଣ୍ଡୀ, ଦାଣ୍ଡ, ଦଣ୍ଡ, ଗୁଣ୍ଡି, ପଣ୍ଡା, ଅଣ୍ଡା, ଡଣ୍ଡ, ତୁଣ୍ଡ, ଚେଣ୍ଡା, ଲୁଣ୍ଡ, ହଣ୍ଡା, ହୁଣ୍ଡା, ଚଣ୍ଡୀ, ହାଣ୍ଡି, ଭାଣ୍ଡ, ଗେଣ୍ଡା, ମୁଣ୍ଡା, ଗୁଣ୍ଡ, ମଣ୍ଡ, ମାଣ୍ଡି, ଗଣ୍ଡ, ଖଣ୍ଡେ, ଦଣ୍ଡୀ, ଭେଣ୍ଡା, କାଣ୍ଡୁ, ରୁଣ୍ଡ, ଛୁଣ୍ଡା, ଦଣ୍ଡା, ମଣ୍ଡାପିଠା, ଗେଣ୍ଡୁଫୁଲ, ପଣ୍ଡିତ, ଭେଣ୍ଡାପୁଅ, କଦଳୀଭଣ୍ଡା, ଅଣ୍ଡିସଚଣ୍ଡୀ, ପାଣ୍ଡବ, ଗୁଲୁଣ୍ଡା, ବାରଣ୍ଡା, କଣ୍ଡରା, ବାମଣ୍ଡା, ଅମୃତଭଣ୍ଡା, ଗୁଣ୍ଡୁଚିମୂଷା, ଧଣ୍ଡସାପ, ହୁଣ୍ଡାଳ, ଗୁଣ୍ଡାଳ, ଗୁଖଣ୍ଡ, ଖଣ୍ଡାଇତ, ମାଣ୍ଡିଆ, ଭଣ୍ଡକଥା, ମୁଣ୍ଡବଥା, ପଣ୍ଡଜଣୀ, ଦାଣ୍ଡିଆ, କୁଣ୍ଡିଆ, କୁଣ୍ଡାପିଠା, କଉଣ୍ଡିମାଛ, ଗେଣ୍ଡାଳିଅ, ମଣ୍ଡପ, ଦଣ୍ଡବତ, ଭଣ୍ଡାର, ଗାଣ୍ଡୁଅ,

Source: FB Nanda, Digitized by PPRACHIN, SOA

ମା ଛେଉଣ୍ଡ, ମୁଣ୍ଡିଆଠ, କୁଣ୍ଡିବାଡ଼, ଦଣ୍ଡୁଆସି, କଣ୍ଡୁଇଅ, ଗଣ୍ଡାର, ଭଣ୍ଡାର, ଦେଭରଣ୍ଡା, ଗଣ୍ଡିସା, ସଣ୍ଢୁଆସି, ଲଣ୍ଡଭଣ୍ଡ, ଘମୁଣ୍ଡିଅ, ହେଣ୍ଡିମାରିବା, ହାଣ୍ଡୁଆ, ଦସଣ୍ଡିବା, ଭସଣ୍ଡି, ମୁଣ୍ଡୁଳା, ମୁଣ୍ଡପୋଡା, ତୁଣ୍ଡପକା ।

ପାଣ୍ଡବ ଆଗୁର୍ଯ୍ୟଙ୍କର ଭେଣ୍ଡାପୁଅ ମରିଗଲା । ପେଣ୍ଡାଳିଅ ଦସଣ୍ଡିମାଛ ଖାଏ । ଆମ ପଣ୍ଡିତଙ୍କ ବାପାଙ୍କର ନାମ ଶ୍ରୀକଣ୍ଠୁର ତ୍ରିପାଠୀ । ଗୋଟାଏ ପେଣ୍ଡରୀ ଗୁଳୁଣ୍ଡା ବଣ ଭିତରେ ପଶିଗଲା । ମୁଁ ଦାଣ୍ଡରେ ଗୋଟିଏ ଧଣ୍ଡସାପ ଦେଖିଲି । ପଣ୍ଡାଘର ଅଣ୍ଡା ଡଉଣି ଖାନ୍ତି ନାହିଁ । ସୂର୍ଯ୍ୟମଣି ଭଣ୍ଡକଥା କହିଲା । ମଠର ଗୁଖଣ୍ଡେ ସୁଆ ଦିଅ । ମାଣ୍ଡିଁ ଉପରେ ମୁଣ୍ଡ ରଖି ଶୋଇବା ଉଚିତ । ଦ୍ରୌପଦୀ ଗୁରୁଙ୍କୁ ଦଣ୍ଡବତ କଲା । ଘମୁଣ୍ଡିଆ ଛଳେ ବେଦ ଢଥାଉ ବର । ସୂର୍ଯ୍ୟମଣି, ହେଣ୍ଡିମାରି ଦେଇ ଲଣ୍ଡଭଣ୍ଡ ହୋଇ ଘରକୁ ପଳାଇଲା । ଅର୍ଜୁନ ପାଛେଉଣ୍ଡ ଅଟେ ।

ଚତୁଃଷଷ୍ଟିତମ ପାଠ

ମେଣ୍ଢା	ଷଣ୍ଢ

ଣ୍ଡ	ଣ୍ଢ

Source: FB Nanda, Digitized by PPRACHIN, SOA

ସୁଣ୍ଠୀ, କଣ୍ଢେଇ, କୁଣ୍ଢେଇବା, ସଣ୍ଢ, ଅସି ।

ଷଣ୍ଢ ପିଣ୍ଡାରେ ଠିଆ ହୋଇଅଛି । ହାତୀର ଶୁଣ୍ଢ ଅଛି । ମେଣ୍ଢାର ମୁଣ୍ଡ ବଡ଼ ଟାଣ । ସୀତା ମଣ୍ଡାପିଠା ଖାଇସାରି କଣ୍ଢେଇ ଖେଳିଲା । ଶତ୍ରୁଘ୍ନ ଚନ୍ଦ୍ରାପୂର୍ଣ୍ଣିମା ଦିନ ଦାଣ୍ଡରେ ପ୍ରଦ୍ୟୁମ୍ନକୁ କୁଣ୍ଢେଇ ପକାଇଲା ।

ପଞ୍ଚଷଷ୍ଟିତମ ପାଠ

ରଙ୍ଗ	ବେଙ୍ଗ

ଙ୍କ	ଞ୍ଚ	ଣ୍ଡ	ଣ୍ଢ	ଙ୍ଘ

ଭାଙ୍ଗ, ଅଙ୍ଗୀ, ଭଙ୍ଗୀ, ଦଙ୍ଗା, ଡେଙ୍ଗା, ଡ଼ଙ୍ଗା, ଢ଼ଙ୍ଗ, ଭୃଙ୍ଗା, ଶିଙ୍ଗ, ମଙ୍ଗ, ଟୁଙ୍ଗା, ଅଙ୍ଗାର, ସଙ୍ଗାତ, ଲଙ୍ଗଳ, ସଙ୍ଗୀତ, ନାରଙ୍ଗୀ, ମଙ୍ଗଳ, ବରମଙ୍ଗା, ଗଙ୍ଗାଧର, ଟାଙ୍ଗିଆ, ଲବଙ୍ଗ, ଗଙ୍ଗାନଦୀ, ଘୁଙ୍ଗୁର, ସୁଅଙ୍ଗ, ଥଙ୍ଗଥଙ୍ଗ, ରଙ୍ଗିଆ, ଜଙ୍ଗଲ, ଇଙ୍ଗିତ, ପଲଙ୍ଗା, କୁଳାଙ୍ଗାର, କାଙ୍ଗାଳ, ଶଙ୍ଗୁଡ଼ି, ଚଙ୍ଗଚଙ୍ଗ, ବଙ୍ଗାଳି, ପାଲଙ୍ଗ, ଦ୍ୱାରଭଙ୍ଗା, ଗୁଙ୍ଗୁଡ଼ି, ଲଙ୍ଗଳା, ଗୌରାଙ୍ଗ, ଅଙ୍ଗଦ, ସାରଙ୍ଗଧର, ଲଙ୍ଗଳମୁଣ୍ଡା ।

Source: FB Nanda, Digitized by PPRACHIN, SOA

ଗଙ୍ଗାଧର ପଲଙ୍ଗାରେ ମାଣ୍ଡିଆ ଜାଉ ଓ ମଣ୍ଡାପିଠା ଖାଉଅଛି । ରଙ୍ଗାଧର ଅନ୍ୟ ପିଲାଙ୍କ ସଙ୍ଗରେ ମିଶି ଷଣ୍ଢ ପଛରେ ଧାଇଁଛି । ରଙ୍ଗଲତା ପଣ୍ଡାଘର ଗଛରୁ କରମଙ୍ଗା ତୋଳୁଅଛି । ସଙ୍ଗାତ କଣ୍ଢେଇ ବେକରେ ଘୁଙ୍ଗୁର ଲଗାଇଛି । ସୁଦର୍ଶନ ପଣ୍ଡିତେ ଭାଙ୍ଗ ଖାଆନ୍ତି ନାହିଁ । କୁଳାଙ୍ଗାର ରଙ୍ଗିଆ କେତେ ଭଙ୍ଗୀ ଦେଖାଉଛି । ବାମଣ୍ଡା ଜଙ୍ଗଲରେ ଅନେକ ପେଣ୍ଡରା ଅଛନ୍ତି ।

"କଳାକଳେବର କହ୍ନାଇ ସଙ୍ଗେ ରୋହିଣୀସୁତ; ଭରନ୍ତ ମଥୁରା ବଜନ୍ତେ ଦାଣ୍ଡେ ଦେଖ ସଙ୍ଗାତ । ଖସିପଡ଼ୁଛନ୍ତି ଅଙ୍ଗରୁ କାଏ ଗଙ୍ଗାଯମୁନା, କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶଗଲା ପୂତନା ।" ଲକ୍ଷ୍ମଣ ସୀତାଙ୍କୁ ଡଙ୍ଗାରେ ବସାଇନେଇ ଗଙ୍ଗାକୂଳରେ ଛାଡ଼ିଆସିଲେ ।

ଷଟ୍‌ଷଷ୍ଟିତମ ପାଠ

ଅଣ୍ଟା	ଥଣ୍ଟ	ଘଣ୍ଟା

ଙ୍ଗ	ଣ୍ଡ	ଣ୍ଢ	ଣ୍ଟ

ଭଣ୍ଟା, ଘଣ୍ଟା, ଗୁଣ୍ଟି, ଚେବଣ୍ଟ, ଖଣ୍ଟ, ମେଣ୍ଟ, ଉଣ୍ଟି, ଅଣ୍ଟ, ଖୁଣ୍ଟ, ଥେଣ୍ଟ, ଡଣ୍ଟା, ବାଣ୍ଟ, ଘଣ୍ଟ, ଭଣ୍ଟ, ମିଣ୍ଟ, ବାଣ୍ଟିବା, ଝିଣ୍ଟିକା, ଘୁଣ୍ଟୁଳି, କଣ୍ଟେଇକୋଳି, ବଣ୍ଟରା, ସାଉଣ୍ଟିବା, ନାଅଣ୍ଟ, ଫେଣ୍ଟିବା ।

Source: FB Nanda, Digitized by PPRACHIN, SOA

ଷଣ୍ଡ ଟେବଲରେ ଘଣ୍ଟି ବାଜୁଅଛି । ଘଣ୍ଟା ବାଜଇ ଠଂ ଠଂ । ପକ୍ଷୀମାନଙ୍କର ଅଣ୍ଡା ଅଛି । ଭଣ୍ଡାର ଦୁର୍ଯ୍ୟୋଧନ ଗୋଡରୁ କଣ୍ଟା କାଢ଼ିଲା । ଗୁଣ୍ଡିମାନେ ବହୁତ ପରିଶ୍ରମୀ ଅଟନ୍ତି । ଝିଣ୍ଟିକାମାନେ କଣ୍ଟା ବଣରେ ଡେଇଁ ଡେଇଁ ବୁଲନ୍ତି । ଟଙ୍ଗିଆ ବଡ ଅଣ୍ଟରେ ମୋ ମୁଣ୍ଡ ଚିପିଦେଲା । ଅଭିମନ୍ୟୁର ମୁଣ୍ଡ ଖୁଣ୍ଟରେ ଟାଙ୍ଗିଲା । ରଙ୍ଗବତୀ ଅଣ୍ଟାସୂତା ଲଗାଇଅଛି । ସରସ୍ୱତୀ ଜଙ୍ଗଲରୁ ପଲଙ୍ଗାଏ କଣ୍ଟେଇ କୋଳି ଆଣିଅଛି । କଣ୍ଡୁରିଆ ବନସୀ କଣ୍ଟାରେ ମାଛ ମାରୁଅଛି । ଝଣ୍ଟୁମାନେ ମେଣ୍ଟା ହୋଇ ବାଟୋଇମାନଙ୍କର ଭଣ୍ଡି କାଟନ୍ତି ।

ସପ୍ତଷଷ୍ଟିତମ ପାଠ

କଞ୍ଚା	ଚଞ୍ଚଳ	ମଞ୍ଚା	କାଞ୍ଚନ

ଞ	ଞ୍ଛ	ଞ୍ଜ	ଞ୍ଝ	ଞ୍ଚ

ସଞ୍ଚା, କଞ୍ଛ, ଗୁଞ୍ଜ, ବେଞ୍ଚ, ଲଞ୍ଚ, ଖଞ୍ଜ, ଇଞ୍ଚ, କାଞ୍ଚୀ, ରାଞ୍ଚୀ, ପାଞ୍ଚ, ପେଞ୍ଚ, ଚଞ୍ଚୁ, ଯାଞ୍ଚ, ପ୍ରପଞ୍ଚ, ଅଞ୍ଚଳ, ପେଞ୍ଚପାଞ୍ଚ, ଭଉଞ୍ଚ, ଗୁଞ୍ଜୁଣୀ, ସଞ୍ଚୟ, ପଞ୍ଚାନନ, ଛଞ୍ଚାଣ, ଚଞ୍ଚଳା, ଅଞ୍ଜୁଅ, ପଞ୍ଚମ, ପାଞ୍ଚଣ, ବରଞ୍ଜ, କଉଞ୍ଜ, ପଞ୍ଚାମୃତ, କ୍ଷିଞ୍ଜତ, ସିଞ୍ଝଡା, ବଞ୍ଝବା, ପହଞ୍ଚବା, ପଞ୍ଝୁଆ, ପାଞ୍ଝୁଠା, ପଞ୍ଚବଟୀ, ଖଉଞ୍ଜ ।

ଚଞ୍ଚଳା କୌଶଲ୍ୟାକୁ ହାଣ୍ଡି ମାଗୁଅଛି । ସାବିତ୍ରୀ ମୁଣ୍ଡରେ କଞ୍ଚନ ଫୁଲ ଲଗାଇଅଛି । ଦେଉଣାର ବେଞ୍ଚଟି ଭାଙ୍ଗିଦେଲା ।

Source: FB Nanda, Digitized by PPRACHIN, SOA

ଗୌତମ ଓ କୈଳାସ କୌତୁକରେ ମୋ କଣ୍ଟକାଟିକୁ ଭାଙ୍ଗିଦେଲେ । ବ୍ରଜ ପାଙ୍ଗଣରେ ଧୂଳ ଉଡ଼ାଉଅଛି । ପଞ୍ଚପାଣ୍ଡବ ଦ୍ରୌପଦୀଙ୍କୁ ବିବାହ କଲେ । ଭାତ ଖାଇସାରି ସଙ୍ଗେ ସଙ୍ଗେ ଅଚଞ୍ଚେଇବ । ପଞ୍ଚାନନ ମଙ୍ଗଳବାର ଦିନ ରାଞ୍ଚିରେ ପହଞ୍ଚିବ । ବିଦ୍ୟାଧର ମଞ୍ଚାରେ ବସି ଧ୍ୟାନ କରିଅଛି ।

ଅଷ୍ଟଷଷ୍ଟିତମ ପାଠ

ଆମ୍ବ



ଣ୍ଡ	ଣ୍ଟ	ଙ୍ଗ	ଣ୍ଠ	ଞ୍ଚ	ମ୍ବ

ନିମ୍ବ, ଜାମ୍ବୁ, ଝମ୍ବ, ତମ୍ବା, ଲମ୍ବା, ବମ୍ବା, ତମ୍ବୁ, ବିମ୍ବଳା, ସମ୍ବାଦ, ଅମ୍ବୁଲ, ଡ଼ମ୍ବ, ହମ୍ବା, ତୁମ୍ବୀ, ଅମ୍ବିକା, ଅମ୍ବିଳ, କମ୍ବଳ, ଡ଼ମ୍ବରୁ, ଝମ୍ବଥାଲୁ, ବିମ୍ବାଧର, ଲମ୍ବୋଦର, ବୋମ୍ବାଇ; ଶମ୍ବାକୁଥ, ଡାଳିମ୍ବ, କୁଟୁମ୍ବ, କଦମ୍ବ, ସମ୍ବର, ନମ୍ବର, ହିମ୍ବାରଡ, ବୁମ୍ବନ ।

ବୈଶାଖ ମାସରେ ଆମ୍ବ ପାଚେ । ଚମ୍ପଳା ହଟ୍ଟୁଳରୁ ପାଞ୍ଚ ପଇସାର କଞ୍ଚା ଆମ୍ବ କିଣିଲା । କିରଣ କଦମ୍ବଫୁଲ ଧରିଅଛି । ଯୋଗୀମାନେ ଲାଉ ତୁମ୍ବା ଧରି ଦ୍ୱାରେ ଦ୍ୱାରେ ଭିକ୍ଷା କରନ୍ତି । ଗଦାଧର ଚଞ୍ଚଳ କୌଣସି କାର୍ଯ୍ୟ କରି ପାରେ ନାହିଁ । ଛଞ୍ଚାଣ

Source: FB Nanda, Digitized by PPRACHIN, SOA

ଖମ୍ବ ଉପରେ ବସିଅଛନ୍ତି । ବାମ୍ବଳା ରଙ୍ଗ ଲୁଗା ଘୋଡ଼ାଇ ହୋଇଅଛନ୍ତି । ଶମ୍ବାଧସ୍ୱ ଦୁର୍ଗାବତୀକୁ ଗୋଟିଏ ମଲ୍ଲୀଫୁଲର ହାର ଦେଲ । ଲମ୍ବୋଦର ଡମ୍ବରୁ ବଜାଉଅଛନ୍ତି । ଗାଈ ହମ୍ବାରଡ଼ି କରୁଅଛନ୍ତି ।

ଊନସପ୍ତତିତମ ପାଠ

ରମ୍ଭା	ଦମ୍ଭ	କୁମ୍ଭାର

ମ୍ବ	ମ୍ଭ

ରମ୍ଭା, ଶମ୍ଭୁ, କୁମ୍ଭ, କୁମ୍ଭୀର, ଅମ୍ବର, ତୁମ୍ବର, ଗମ୍ଭୀର, ଅସମ୍ଭବ, ସମ୍ଭାଳ, ସମ୍ଭୋଗ, ଆରମ୍ଭ, ସମ୍ଭାର, ସମ୍ଭବ, କୁମ୍ଭାରଗଛ, କୁମ୍ଭାଟୁଆ ।

କୁମ୍ଭାରମାନେ ହାଣ୍ଡି ଗଢ଼ନ୍ତି । ବୈରାଗୀକୁ କୁମ୍ଭୀର ଧରିଅଛି । ଅମ୍ବିକା ଆଜି ପଢ଼ିଥିବା ଅସମ୍ଭବ ଅଟେ । ରାଣୀ ମାଉସୀ ମତେ ପାଞ୍ଚବର୍ଷ ହେବ ସମ୍ଭାଳି ଅଛନ୍ତି । ଡମ୍ବରୁ ଘରକୁ ଯିବାକୁ ଅସମ୍ଭାଳ ହେଲା । ଅମ୍ବର ପୋଖରୀ କୂଳରେ କଦମ୍ବଗଛ ଅଛନ୍ତି । ଶମ୍ଭୁ ଡାଳିମ୍ବଫଳ ଖାଉଅଛନ୍ତି । ତୁମ୍ବର ପୂଜା ଆରମ୍ଭ ହୋଇନାହିଁ କି ? ପାର୍ବତୀ ତୁମ୍ବର ଚେଲ୍ଲା ଝିଅ ଅଟେ । ସତ୍ୟବତୀ ଓ ରଙ୍ଗଲତା ଦୁଇ ସଙ୍ଗାତଯାକ ବଡ଼ ରମ୍ଭା ପିଲା ।

Source: FB Nanda, Digitized by PPRACHIN, SOA

ସପ୍ତତିତମ ପାଠ

ମନ୍ଦ	ଚନ୍ଦନ	କନ୍ଦ	ନନ୍ଦ

ନ୍	ଦ

ଧନ୍ଦା, ଖନ୍ଦା, ମନ୍ଦା, ଛନ୍ଦ, ଜନ୍ଦା, ଲୁନ୍ଦ, ଫନ୍ଦା, ଦ୍ୱନ୍ଦ୍ୱ, ବନ୍ଦୀ, ଛୁନ୍ଦ, ଫାନ୍ଦ, ଗୁନ୍ଦ, ବନ୍ଦ, ନିନ୍ଦା, ଚନ୍ଦ୍ର, ଇନ୍ଦ୍ର, ଇନ୍ଦ୍ରାଣୀ, ଇନ୍ଦ୍ରଯୁ, ବାସିନ୍ଦା, ବୈନ୍ଦ୍ୟ, ବିନ୍ଦୁ, ଆନନ୍ଦ, ମନ୍ଦର, ସିନ୍ଦୁର, ଗୋବିନ୍ଦ, ସନ୍ଦେହ, କନ୍ଦମୂଳ, କାଅକନ୍ଦା, ସାନନ୍ଦ, ଓନ୍ଦରା, ସନ୍ଦେଶ, କ୍ରନ୍ଦନ, ମନ୍ଦୁସା, ପନ୍ଦର, ବାନ୍ଦର, ବନ୍ଦରଅ, ହୁନ୍ଦର, ସୁନ୍ଦର, ଗୋଇନ୍ଦା, କାନ୍ଦରା, ନନ୍ଦଅ, କନ୍ଦେଇବା, ନନ୍ଦନ, ଫାନ୍ଦବା, ଧନ୍ଦହେବା, ମନ୍ଦରା, ସଦାନନ୍ଦ, ଗୌରାନନ୍ଦ, ସୁନ୍ଦରା, କାନ୍ଦବା, ବୃନ୍ଦାବନ, କୁନ୍ଦୁରୁ, ଇନ୍ଦୁମତୀ, ଚନ୍ଦ୍ରମଣି, ବନ୍ଦୀଧର, ଚନ୍ଦାମୁଣ୍ଡା, ଇନ୍ଦ୍ରଜିତ, ଛନ୍ଦଛନ୍ଦ ।

"ହାତୀ ଝୁଲୁଥାଏ ରଜା ବଗିଚାରେ କାଅକନ୍ଦା ଖାଇବାକୁ ।
କନ୍ଦେଇ ଝୁଲଇ ନମାନ୍ଦର କୋଳରେ ଦୁଧ ବଳେ ପିଇବାକୁ ।"

ଜନ୍ଦାମାନେ ମନ୍ଦା ମନ୍ଦା ହେଉଅଛନ୍ତି । ଗୋବିନ୍ଦ ଅମ୍ବ ବାଡରୁ କନ୍ଦମୂଳ ଆଣିଲା । ମୁଁ ପନ୍ଦରଟି ସନ୍ଦେଶ ପାଇଲି । ସଦାନନ୍ଦ ଓ ଗୌରାନନ୍ଦ ମନ୍ଦରକୁ ଯାଇଅଛନ୍ତି । କେଶବଚନ୍ଦ୍ର ଓ ତାଙ୍କ ସୁନ୍ଦରୀ ଭାଇ ଭଉଣୀ । ବିମଳା ଅସମ୍ଭାଳ ହୋଇ ଅମ୍ଭଙ୍କୁ ଉନ୍ଦରାଇ ଦେଲା ।

Source: FB Nanda, Digitized by PPRACHIN, SOA

ଜୀବନାନନ୍ଦ ବଡ ଦୁରନ୍ତ ପିଲା । ରାମଚନ୍ଦ୍ର କୁମ୍ଭୀରକୁ ଭୟ କରେ ନାହିଁ । ଲକ୍ଷ୍ମଣ ଇନ୍ଦ୍ରଜିତକୁ ମାଇଲେ ।

ଏକସପ୍ତତିତମ ପାଠ

ଅନ୍ଧ	ଗନ୍ଧ	କାନ୍ଧ	ବନ୍ଧୁ

ନ୍ଧ	ନ୍ଧ

ବନ୍ଧ, ସନ୍ଧି, ସନ୍ଧ୍ୟା, ବନ୍ଧ୍ୟା, ରନ୍ଧା, ପିନ୍ଧା, ରନ୍ଧ୍ର, କାନ୍ଧା, କନ୍ଧ, ସ୍କନ୍ଧ, ଗାନ୍ଧୀ, ସିନ୍ଧୁ, ବନ୍ଧୁକ, ଗନ୍ଧିଅ, ଗନ୍ଧକ, ବାନ୍ଧବ, ଅନ୍ଧାର, ପିନ୍ଧିବା, ରାନ୍ଧିବା, ବନ୍ଧନ, ସମ୍ବନ୍ଧ, ସମ୍ବନ୍ଧୀ, କନ୍ଧନ, ଜଳନ୍ଧର, ଚୁନ୍ଧିଦେଲା, ବାନ୍ଧିବା, ବାନ୍ଧଣି, ନଈବନ୍ଧ, ସନ୍ଧାନ, ଅଳନ୍ଧୁ, ସନ୍ଧେଇବା, ଜଗବନ୍ଧୁ, ବନ୍ଧୁରାମ, ମାନ୍ଧାତା, ଅନ୍ଧୁଣୀ, କୃପାସିନ୍ଧୁ, ଦୀନବନ୍ଧୁ ।

ଜଳନ୍ଧରର ମୁଣ୍ଡ ବାନ୍ଧୁଅଛି । ଗୋବିନ୍ଦ ଅନ୍ଧାରରେ ଅନ୍ଧୁ ଅନ୍ଧୁ ଗୋଟିଏ ଷଣ୍ଢ ତାହାକୁ ଭୁଷି ଦେଲା । ଗୌରାନନ୍ଦ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରିବ । ପଞ୍ଚାନନ ସନ୍ଧ୍ୟାବେଳେ ଅମ୍ଭ ଘରକୁ ଆସିବ । ଗୋବିନ୍ଦ ଭାତ ରାନ୍ଧି ସାରି ବନ୍ଧକୁ ଯାଇ ସ୍ନାନ କଲା । କମଳା ଓଦାଲୁଗା ପିନ୍ଧିଅଛି । ଖମ୍ବରେ ଗାଈ ବାନ୍ଧ । ଚଞ୍ଚଳା ଘରେ ବନ୍ଧୁକ ଅଛି । ମନ୍ଧୁଣୀ ଓ ରଙ୍ଗବତୀ କାନ୍ଧରେ ହାତ ପକାପକି ହୋଇ ନଈବନ୍ଧରେ ଚାଲୁଛନ୍ତି ।

Source: FB Nanda, Digitized by PPRACHIN, SOA

ଦ୍ୱିସପ୍ତତିତମ ପାଠ

ସଞ୍ଜ	ଅଞ୍ଜନ	ଗଞ୍ଜଣା	କାଞ୍ଜି

ଧ	ଘ	ଞ୍ଜ

ଖଞ୍ଜ, ପାଞ୍ଜି, ମଞ୍ଜି, ମଞ୍ଜ, ମଞ୍ଜା, ଖଞ୍ଜା, ରଞ୍ଜା, ଗୁଞ୍ଜ, ଲଞ୍ଜ, ଗଞ୍ଜା, ଗେଞ୍ଜ, ଲୁଞ୍ଜ, ଝାଞ୍ଜ, ଝଞ୍ଜିର, ଜଞ୍ଜାଳ, ରଞ୍ଜକ, ମଞ୍ଜୁଆତ, ପଞ୍ଜର, ଇଞ୍ଜିନ, ଗୁଞ୍ଜିବା, ଗୁଞ୍ଜପା ଖେଳ, ଗାଞ୍ଜିଆ, ଗଞ୍ଜାଇ, ଗଞ୍ଜୋଡ଼, ମଞ୍ଜାର, ଖଞ୍ଜଣି, ବୋଲଝାଞ୍ଜି, କୁଞ୍ଜବନ ।

"ପାଞ୍ଜି ଉପରେ ଦୁଆତ ରଖ, କାଗଜ ଧରି ସଙ୍ଗୀତ ଲେଖ ।" ନୂଆବୋହୂ ସନ୍ଧ୍ୟାବେଳେ ସଞ୍ଜ ଦିଏ । ଚନ୍ଦ୍ରମଣି ଖଞ୍ଜଣି ବଜାଉଅଛି । ଝାଆନ୍ତ ମା ଅମ୍ଭଙ୍କୁ ବଡ଼ ଗଞ୍ଜଣା ଦେଲେ । ପ୍ରାଣବନ୍ଧୁ ଖଞ୍ଜ କରୁ ଏବଂ ତା ବାପା ସଙ୍ଗରେ ଜଞ୍ଜାଳ ଲଗାଇ ଗାଞ୍ଜିଆ ଅଣିଲା । ମଞ୍ଜାରର ନଖ ବନସି କଣ୍ଟା ପରି ମୁନିଆଁ । କାଞ୍ଜିପାଣି ଅମ୍ଳିଳା ଲଗେ । ଅର୍ଜୁନ ମଞ୍ଜୁ ସଙ୍ଗରେ ଖେଳୁ ଖେଳୁ ଝୁଣ୍ଟିଲା ।

Source: FB Nanda, Digitized by PPRACHIN, SOA

ତ୍ରିସପ୍ତତିତମ ପାଠ

କାନ୍ଥ	କନ୍ଥା	ଦନ୍ଥୁରା	ପନ୍ଥା

ନ୍	ନ୍ଥ

ପାନ୍ଥ, ସନ୍ଥ, ସିନ୍ଥି, କାନ୍ଥି, ଗ୍ରନ୍ଥ, କାନ୍ଥକୁସ, ଗୁନ୍ଥିବା, ଟୋମନ୍ଥ, ମନ୍ଥିବା, କୁଟେନ୍ଥଇବା, ମନ୍ଥର, ମନ୍ଥଣ୍ଡ, ଗାନ୍ଥ୍ରିନ୍, ସନ୍ଥଲୋକ, କୁନ୍ଥୁ, କୁନ୍ଥୁ, ମନ୍ଥ, ମନ୍ଥର ।

ଇନ୍ଦ୍ରମଣି କୁନ୍ଥୁ କୁନ୍ଥୁ ହୋଇ କାନ୍ଦଲା । ସାବଜୀ କାନ୍ଥରେ ଲଣ୍ଠା ଦେଇଅଛି । ଗୌରୀ କାନ୍ଥକୁସରେ ଠଙ୍କା ଗାଣ୍ଠିଆ ରଖି ଏଣେ ତେଣେ ଧନ୍ଦା ହେଉଅଛି । ଜଗନ୍ନାଥ ଗ୍ରନ୍ଥ ଲେଖୁଅଛି । ବୃନ୍ଦାବତୀ ମଲ୍ଲୀ ଫୁଲରେ ହାର ଗୁନ୍ଥୁଅଛି । ନନ୍ଦେ ଅମ୍ବୁଙ୍କୁ କାନ୍ଥ ସନ୍ଧିରୁ ଗେଣ୍ଡିଦେଲେ । ଇନ୍ଦୁମତୀ ସିନ୍ଥି ଭାଙ୍ଗି ଏବଂ ମୁଣ୍ଡରେ ସିନ୍ଦୁର ଲଗାଇ ଆସିଅଛି । କୁଞ୍ଜବନ ଓ ଲକ୍ଷ୍ମୀଧର ମନ୍ଦୁରରେ ଶୋଇ ଛୁନ୍ଥାଇ ଅଛନ୍ତି ।

Source: FB Nanda, Digitized by PPRACHIN, SOA

ଚତୁଃସପ୍ତତିତମ ପାଠ

କମ୍ପ | ଚମ୍ପା | ଝମ୍ପା

ମ୍ଭ	ମ୍ଫ	ମ୍ପ	ଅଁ	ଞ୍ଜ	ଘ
ଝ	ନ୍ତୁ	ଙ୍କ	ନ୍ତ୍ର	ଙ୍ଗ	ଷ୍ଟ

କାମ୍ପୀ, କୁମ୍ପୀ, ଝମ୍ପ, କେମ୍ପା, ଗମ୍ପ, ଖାମ୍ପ ଖାମ୍ପି, ସମ୍ପଦ, ରମ୍ପେଲ, ସମ୍ପର୍କ, ସମ୍ପୂର୍ଣ୍ଣ, ସମ୍ପ୍ରତି, ସର୍ମ୍ପିବା, ଚମ୍ପୋତ, ଲମ୍ପଟ, କୁମ୍ପାସ, କମ୍ପନ, ପାମ୍ପଡ଼, ପିମ୍ପୁଡ଼ି, ଖାମ୍ପୁଡ଼ା, ଖାମ୍ପୁଡ଼ୀ, ଦମ୍ପତି, ସମ୍ପ୍ରଦାନ, କମ୍ପମାନ, ଅନୁକମ୍ପା, ସମ୍ପୁଟବା, ଚମ୍ପେଇ-ନେଉଳ, ବାଉଁଶକମ୍ପୋ ।

ପ୍ରିୟମ୍ବଦା ମନୁଷ୍ୟଙ୍କୁ ସର୍ମ୍ପିଲା । ପିମ୍ପୁଡ଼ିମାନେ ପରିଶ୍ରମୀ ଅଟନ୍ତି । ଗେଣ୍ଡାଳିଆ ଅମ୍ପ ହାତରୁ ମାଛ ଝିଙ୍କିନେଲା । ବର୍ଷାକାଳରେ କଦମ୍ବ, ନାଲଙ୍କଇଁ, ଚମ୍ପା ଏବଂ ମାଳତୀ ଫୁଲ ଫୁଟେ । ଚମ୍ପେଇନେଉଳ କାନ୍ଥ ଉପରକୁ ଉଠିଗଲା । ସମ୍ପଦ କାଳରେ ଗର୍ବ କରିବ ନାହିଁ । କେମ୍ପା ପାମ୍ପଡ ଖାଇବାକୁ ଭଲ ପାଏ । କୁଞ୍ଜବନ ମନ୍ଦପିଲା ସଙ୍ଗରେ ସଙ୍ଗ ହୁଏ ନାହିଁ । ଗଜେନ୍ଦ୍ରର ପାଠପଢ଼ା ସମ୍ପୂର୍ଣ୍ଣ ହୋଇ ନାହିଁ ।

Source: FB Nanda, Digitized by PPRACHIN, SOA

ପଞ୍ଚସପ୍ତତିତମ ପାଠ

ଡେମ୍ଫ	ଗୁମ୍ଫା	ବାମ୍ଫୀ

ମ୍ଫ	ମ୍ଫ

ବାମ୍ଫ, ଲମ୍ଫ, ଡାମ୍ଫଣ, ଉଲ୍ଲମ୍ଫନ, ବାମ୍ଫୁଅଣୀ ।

ବ୍ୟାଘ୍ର ଲମ୍ଫ ମାରି ଶିକାର କରେ । ବାଘୁଣୀ ଗୁମ୍ଫାରେ କମ୍ପମାନ ହେଉଅଛି । ଡେମ୍ଫ ବିନା ଫୁଲ ସମ୍ଭାଳ ହୁଏ ନାହିଁ । ବାମ୍ଫୀର ଜଳ ନିର୍ମଳ ଅଟେ । ପାଣିରୁ ବାମ୍ଫ ବାହାରୁଅଛି । ଚନ୍ଦ୍ରା ଦାମ୍ଫଣରେ ଭନ୍ତା ଟିପୁଅଛି ।

ଷଟ୍‌ସପ୍ତତିତମ ପାଠ

କଣ୍ଠ	ଆଣ୍ଠୁ	ଗଣ୍ଠି	କଣ୍ଠି

ଣ୍ଠ	ଣ୍ଠ

Source: FB Nanda, Digitized by PPRACHIN, SOA

ଣ୍ଡ	ଣ୍ଡ	ମ୍ଭ	ମ୍ଭ	ମ୍ପ	ମ୍ପ
ନ୍ତ	ନ୍ତ	ଧ	ଧ	ଣ୍ଟ	ଣ୍ଠ

ସୁଣ୍ଠି, ପାଣ୍ଠି, ସୁଣ୍ଠା, ରଣ୍ଠ, ଗୁଣ୍ଠ, ଦଣ୍ଠା, ଗଣ୍ଠା, ସାଣ୍ଠ, ଲୁଣ୍ଠନ, ଲଣ୍ଠନ, କୁଣ୍ଠିତ, ଅଇଣ୍ଠା, ଗଇଣ୍ଠା, ଅଇଣ୍ଠୁ, ଗୁଣ୍ଠନ, ଦଣ୍ଠେଇବା, ଗୁଣ୍ଠୁଣି, ଗଣ୍ଠିଆ, ଗଣ୍ଠିରି, ଗଣ୍ଠେଇବା, ଗଣ୍ଠିଧନ, ନୀଳକଣ୍ଠ, ଅଣ୍ଠୁଏ ପାଣି, ଅଣ୍ଠେଇବା, ଗଣ୍ଠିବାତ, ବୈକୁଣ୍ଠ, ଗଇଣ୍ଠାଳ, ଗଣ୍ଠିକଟା, କଣ୍ଠାଝଡ଼ା, କଣ୍ଠିମାଳ, ଗଣ୍ଠିଆଳ, ଶିତିକଣ୍ଠ ।

ବନ୍ଧରେ ଅଣ୍ଠୁଏ ପାଣି ଅଛି । ନୀଳକଣ୍ଠର ଲଣ୍ଠନଟି ଭାଙ୍ଗି-ଗଲା । ରମାକୁ ଗଣ୍ଠିବାତ ଧରିଅଛି । ଗଣ୍ଠିକଟା ହରିଆ ଶିତିକଣ୍ଠର ଗଣ୍ଠିରିରୁ ଟଙ୍କା ନେଇ ପଳାଇଗଲା । ଇନ୍ଦୁମତୀ ଅନ୍ଧବୁଢ଼ାକୁ ଅଇଣ୍ଠା ପାଣି ପିଇବାକୁ ଦେଲା । କୌଶଲ୍ୟା ନିଜର ରତ୍ନକଣ୍ଠି ନେଇ ନର୍ମଦା ମାଉସୀ କଣ୍ଠରେ ଲମ୍ବାଇ ଦେଲା । ସ୍ନେହମଞ୍ଜରୀ ପ୍ରତିଦିନ ଗଇଣ୍ଠା ଚିଠା ଖାଏ । କଣ୍ଠାଗତ ପ୍ରାଣ ହେଲେ ବଡ଼ ଲୋକ, କେତେବେଳେ ନ ଛାଡ଼ଇ ନିଜ ଟେକ । ଗଇଣ୍ଠାଳପିଠା ଦିନ ରମାକଢ଼ୀର ଜ୍ୱାଇଁ ଆସିବେ ।

Source: FB Nanda, Digitized by PPRACHIN, SOA

ସପ୍ତସପ୍ତତିତମ ପାଠ

ଶଙ୍ଖ	ପଙ୍ଖା	ଶଙ୍ଖା	ଶଙ୍ଖୁଡ଼ି

ଙ୍କ	ଙ୍ଖ

ଚେଙ୍ଖ, ଢୁଙ୍ଖା, ଶାଙ୍ଖ, ଶୃଙ୍ଖଳା, ସଙ୍ଖାଳି, ଶଙ୍ଖାରି, ଶଙ୍ଖୁଥ, ସଙ୍ଖୋଳା, ସଙ୍ଖୁଳିବା, ଶଙ୍ଖାସୁର, ଶଙ୍ଖଚିଲ, ଶଙ୍ଖଚୁଡ଼ୀ, ଶଙ୍ଖୀପୋକ, ଶଙ୍ଖୀନଳା ।

ମାଳୀ ମନ୍ଦରରେ ଶଙ୍ଖ ବଜାଉଅଛି । ସଙ୍ଖାଳି ପଙ୍ଖାରେ ବାନ୍ଧ ହେଉଅଛି । ମୁଁ ଅଜ ଶଙ୍ଖଚିଲ ମୁହଁ ଚାହିଁଛି । ହାଡ଼ିବନ୍ଧୁ କମ୍ପାଉଣ୍ଡର ଚେଙ୍ଖେ ନ ପାଇଲେ ସମ୍ଭାଳି ହେବ ନାହିଁ । କାଳନ୍ଦୀର ଶଶୁର ତାହାପାଇଁ ଶଙ୍ଖଚୁଡ଼ୀ ଆଣିଅଛନ୍ତି । ଲକ୍ଷ୍ମୀଧର ତାହାର ଅଣ୍ଟକୁ ସଙ୍ଖୋଳିବାକୁ ଯାଉଛି । ଶଙ୍ଖାରିମାନେ ଶଙ୍ଖା ଗଢ଼ନ୍ତି । "ନିଧନ ସଙ୍ଖାଳି ମୋର ଦୁଃଖୀର ପସରା, ଅନ୍ଧଲଉଡ଼ି ବାବୁ ରେ ହୃଦରତ୍ନ ହାର, ମୋ କଳାମାଣିକ ରେ ।"

Source: FB Nanda, Digitized by PPRACHIN, SOA

ଅଷ୍ଟସପ୍ତତିତମ ପାଠ

ଜଙ୍ଘ	ଶିଙ୍ଘ	ସୁଙ୍ଘ

ଙ୍ଗ	ଙ୍ଘ

ସଙ୍ଘା, ସଙ୍ଘ, ଲଙ୍ଘା, ଜଙ୍ଘା, ଲଙ୍ଘନ, ଜଙ୍ଘିଅ, ସୁଙ୍ଘିବା, ଲଙ୍ଘିବା, ଚିଙ୍ଘାଣି, ସିଙ୍ଘଡ଼ା, ସଙ୍ଘାଡ଼ି, ସିଙ୍ଘାର, ଜଙ୍ଘି ଝୁରଡ଼ା ।

ସଙ୍ଘାଳି ନାକରୁ ସିଙ୍ଘାଣି ବହୁଅଛି । ବ୍ରାହ୍ମଣମାନେ ଧଇତା ସଙ୍ଘାଡ଼ିକୁ ଦୁଇ ପଇସା ଦିଅନ୍ତି । ହନୁମାନ ସମୁଦ୍ର ଲଙ୍ଘନ କରି ଲଙ୍କାରେ ସୀତାଙ୍କୁ ଠାବ କଲା । ସାହେବମାନେ ଜଙ୍ଘିଅ ପିନ୍ଧନ୍ତି । ଗୁରୁଙ୍କ ଆଦେଶ ଲଙ୍ଘନ କଲେ ଦଣ୍ଡ ପାଇବା । ଦୁଷ୍ମନ୍ତ ସାଆନ୍ତଙ୍କ ଦାଣ୍ଡ ଘର କାନ୍ଥରେ ସମ୍ବର ଶିଙ୍ଘ ମରା ହୋଇଅଛି । କୈକେୟୀ ମଲ୍ଲୀଫୁଲ ସୁଙ୍ଘୁଅଛି । ଗୁଣ୍ଡିଚାଯାତ୍ରା ଦିନ ଜଗନ୍ନାଥ ମହାପ୍ରଭୁ ବଡ଼ସିଙ୍ଘାର ବେଶ ଧରନ୍ତି ।

Source: FB Nanda, Digitized by PPRACHIN, SOA

ଊନାଶୀତିତମ ପାଠ

ବାଞ୍ଛା	କଇଞ୍ଛ	ଲାଞ୍ଛନା

ଞ	ଞ୍ଛ

ଅଞ୍ଛୁ , ପିଞ୍ଛ, ବାଞ୍ଛୁତ୍ର, ଗୃଞ୍ଛୁତ୍ରା, ପଚଞ୍ଛା, ବାଞ୍ଛାନିଧି, ବାଞ୍ଛନୀୟ, ନଉଞ୍ଛୁଣା, କଇଞ୍ଛ ।

ବାଞ୍ଛାନିଧି ଘାସ ଗୃଞ୍ଛୁଅଛି । କଇଞ୍ଛ ଧୀରେ ଧୀରେ ଗୃଲେ । ସଙ୍ଖାଳି ମଟେ ପିଞ୍ଛରେ ମାଇଲା । କାଞ୍ଚନ ପଚଞ୍ଛା ଠେଙ୍ଗା ଧରି ଗୋବିନ୍ଦ ପଛରେ ଦୌଡ଼ିଲା । ଧନ ସମ୍ପଦ ବାଞ୍ଛା ନ କରି ମହାପ୍ରଭୁଙ୍କ କୃପା ଭିକ୍ଷା କର । ପଞ୍ଚୁଆ ବଡ଼ ନଉଞ୍ଛୁଣା ଧରିଲାଣି । ଗୁଡ଼ିଆ ପିଞ୍ଛ ଧରି ମୁଡ଼ି ଭାଜୁଅଛି ।

ଅଶୀତିତମ ପାଠ

ବାଞ୍ଝ	ଝଞ୍ଝା

ଞ	ଞ୍ଝ

Source: FB Nanda, Digitized by PPRACHIN, SOA

ପଞ୍ଝା, ପଞ୍ଝାଏ ।

ତ୍ରିପାଠୀଙ୍କର ଗୋଟିଏ ବାଞ୍ଝ ଗାଈ ଅଛି । ସେ କଞ୍ଚାଘାସ ଖାଏ । ତାହାର ଲଞ୍ଜ ଖଣ୍ଡିଆ । ଦିନେ ଝଞ୍ଝା ପବନ ବହିବାରୁ ସେ ଗାଈ କେଉଁଆଡ଼େ ରହିଗଲା । ପରଦିନ ପଞ୍ଝାଏ ଗାଈ ରଖୁଥିଲା ଟୋକା ତାକୁ ଦେଖିଲେ ଏବଂ ଗାଈକୁ ଆଣି ତାଙ୍କ ଘରେ ଛାଡ଼ି ଦେଇଗଲେ । ତାଙ୍କ ପୁଅ ବାଞ୍ଛାନିଧି ସେ ଗାଈକୁ ପ୍ରତିଦିନ ଘାସ ଗୁଞ୍ଜି ଖୁଆଏ । ଗାଈମାନଙ୍କୁ ମା' ପରି ସ୍ନେହ କରିବା ଓ ସମ୍ମାନ ଦେଖାଇବା ଉଚିତ ।

ଏକଶିତିତମ ପାଠ

କାଷ୍ଟ	ଦୁଷ୍ଟ	ଶ୍ରେଷ୍ଠ	ବଳିଷ୍ଠ

ଷ୍ଟ	ଷ୍ଠ

ଜ୍ୟେଷ୍ଠ, ବୃଷ୍ଟି, ମିଷ୍ଟ, କାଷ୍ଠ, ପୃଷ୍ଠା, ଓଷ୍ଠ, ସୃଷ୍ଟି, ଦୃଷ୍ଟି, ମୁଷ୍ଟି, କଷ୍ଟ, ଗୋଷ୍ଠ, ଚେଷ୍ଟା, ନଷ୍ଟ, ବଶିଷ୍ଠ, ମାଷ୍ଟର, ସମଷ୍ଟି, ପାପିଷ୍ଠ, କନିଷ୍ଠ, ନିଷ୍ଠୁର, ଅଷ୍ଟମ, ସାଷ୍ଟାଙ୍ଗ, ଅବଶିଷ୍ଟ, ପୋଷ୍ଟାଫିସ, ଧୃଷ୍ଟଦ୍ୟୁମ୍ନ, ଯୁଧିଷ୍ଠିର, ଧୃତରାଷ୍ଟ୍ର ।

Source: FB Nanda, Digitized by PPRACHIN, SOA

ଶଙ୍କର ନିଷ୍ଠୁର ବାଳକ ଅଟେ । ତାକୁ ସମସ୍ତେ ଘୃଣା କରନ୍ତି । କେହିହେଲେ ସ୍ନେହ କରନ୍ତି ନାହିଁ । କାରଣ ତାହାର ଟିକେ ଟିକେ ଦୁଷ୍ଟାମି ଅଛି । ଦିନେ ସେ ପୋଷ୍ଟାଫିସକୁ ଯାଉଁ ଯାଉଁ ବାଟରେ ଯୁଧିଷ୍ଠିରକୁ ଭେଟିଲା । ଯୁଧିଷ୍ଠିର ଦୁଷ୍ଟାମି କରିବାରୁ ତାକୁ ମାଷ୍ଟର ମହାଶୟ ପୂର୍ବଦିନ ସଞ୍ଜବେଳେ ନିଷ୍ଠୁରଭାବରେ ପ୍ରହାର କରିଥିଲେ । ସେ କାଇଁ କାଇଁ ହୋଇ କାନ୍ଦୁଥିବାର ଶଙ୍କର ଶୁଣିଥିଲା । ଯୁଧିଷ୍ଠିରଠାରୁ ସବୁ କଥାତକ ଶୁଣି ଶଙ୍କର ଅତିଶୟ ଆନନ୍ଦିତ ହୋଇ ଚାଲିଗଲା ।

ଦ୍ୱାଷଷ୍ଠିତମ ପାଠ

କୃଷ୍ଣ	ବିଷ୍ଣୁ	ସହିଷ୍ଣୁ

ଷ୍	ଣ	ଷ୍ଣ

ବୈଷ୍ଣବ, ଚଳିଷ୍ଣୁ, ଜିଷ୍ଣୁ, ଉଷ୍ଣ, ହରେକୃଷ୍ଣ, ରାମକୃଷ୍ଣ, ଶ୍ରୀନକୃଷ୍ଣ, ଜୟକୃଷ୍ଣ, କୃଷ୍ଣଚନ୍ଦ୍ର ।

ବୈଷ୍ଣବମାନେ ବଡ଼ କଷ୍ଟସହିଷ୍ଣୁ ଅଟନ୍ତି । କୃଷ୍ଣଚନ୍ଦ୍ର ଦେବକୀଙ୍କର ଅଷ୍ଟମଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ଉଷ୍ଣଜଳ

Source: FB Nanda, Digitized by PPRACHIN, SOA

ପାନ କରିବା ଉଚିତ ନୁହେଁ । ଭଗବାନ ବିଷ୍ଣୁ ପ୍ରହ୍ଲାଦ ଓ ଧ୍ରୁବଙ୍କୁ ବଡ଼ ଭଲ ପାଉଥିଲେ । ବିଷ୍ଣୁର କନିଷ୍ଠ ଭ୍ରାତା କୃଷ୍ଣ ବଳିଷ୍ଠ ଅଟେ । ରାମକୃଷ୍ଣର ପଢ଼ାପଢ଼ିରେ ସର୍ବଦା ଚେଷ୍ଟା ଅଛି ।

ତ୍ର୍ୟଶୀତିତମ ପାଠ

ହସ୍ତ	ଦ୍ଧସ୍ତି	ସ୍ଥାନ	ସ୍ଥିର

ସ୍ତ	ସ୍ଥ	ଷ୍ଟ	ଷ୍ଠ	ଷ୍ଣ

ବସ୍ତ୍ରା, ନସ୍ତ, ଶସ୍ତା, ହସ୍ତୀ, ସୁସ୍ଥ, ସ୍ୱାସ୍ଥ୍ୟ, ବସ୍ତୁ, ସ୍ଥାନ, ଅସ୍ତ, ଅସ୍ଥି, ବସ୍ତି, ରାସ୍ତା, କସ୍ତା, ସ୍ତବ, ସ୍ତନ, ସ୍ଥଳ, ଶାସ୍ତ୍ର, ଦ୍ୱିନସ୍ତା, ପୁସ୍ତକ, ମୁଖସ୍ଥ, କଣ୍ଠସ୍ଥ, ସମସ୍ତ, ମସ୍ତକ, ବସ୍ତାନି, ପ୍ରସ୍ତାବ, ମସ୍ତା, ମସ୍ତାନି, ଅସ୍ଥିର, ଦସ୍ତୁର, ସେରସ୍ତା, କସ୍ତୁରି, ପରାସ୍ତ, କାୟସ୍ଥ, ଅସ୍ତବ୍ୟସ୍ତ, ହସ୍ତାକ୍ଷର, ଦସ୍ତଖତ, ବନ୍ଦୋବସ୍ତ, ବାସ୍ତବିକ, ମସ୍ତରାମ, ଅଗସ୍ତି, ଦରଖାସ୍ତ, ଅସୁସ୍ଥ, ପ୍ରସ୍ତର, ଦୁସ୍ତର ।

ହସ୍ତୀର ଶୁଣ୍ଢ ଅଛି । ଯୁଧିଷ୍ଠିର ଅସ୍ଥିର ହେଉଅଛି । ଦ୍ୱିତୀୟା ତୃତୀୟା ଉଭୟର ଜନ୍ମ ଅଗସ୍ତିଙ୍କଠାରୁ ପର ବର୍ଷ ଦଶ । ବିଷ୍ଣୁ ଛୁଟି

Source: FB Nanda, Digitized by PPRACHIN, SOA

ମଞ୍ଜୁର କରାଇବା ନିମନ୍ତେ ଦରଖାସ୍ତ ଲେଖୁଅଛୁ । ମନ୍ତ୍ରଗମ ଦୁଷ୍ଟ ହୋଇଗଲା । ବିଦ୍ୟାଳୟରେ ସରସ୍ୱତୀଙ୍କୁ ସ୍ଥାପନ କରି ପୂଜାକରନ୍ତି । ସରସ୍ୱତୀ ସର୍ବଦା ହସ୍ତରେ ବୀଣା ଧରିଥାନ୍ତି । କୃଷ୍ଣଙ୍କର ପ୍ରସ୍ତାବରେ ପାଣ୍ଡବମାନେ ସମ୍ମତ ହେଲେ । ଦେବଗଡ଼ରୁ ସମ୍ବଲପୁର ପର୍ଯ୍ୟନ୍ତ ସଡ଼କ ରାସ୍ତା ଅଛି । ଆମ୍ଭେମାନେ ପିଲାଦିନେ ମାଆ ସ୍ତନ୍ୟ ଖାଇ ବଞ୍ଚୁ । ଏହି ସ୍ଥାନରେ ବସନ୍ତ ଲାଗିଅଛି ।

ଚତୁରଶୀତିତମ ପାଠ

ସତ୍	ହଠାତ୍	ଜଗତ୍

ତଂ	ତ	ତଃ	ତ୍
ବଂ	ବ	ବଃ	ବ୍
କଂ	କଁ	କଃ	କ୍

ଠିକ, ଚ.ପ, ଧିକ୍, ଧାତ୍, ହେତ୍, ହୃତ୍, ସମ୍ରାଟ୍, ଶରତ୍, ଈପ୍ସିତ୍, ଅସତ୍, ଅବାକ୍, ଉତ୍ପାତ, ପଶ୍ଚାତ୍, ବିଦ୍ୱତ୍, ଅକସ୍ମାତ୍,

Source: FB Nanda, Digitized by PPRACHIN, SOA

ଜକ୍ ଜକ୍, ଫୁସ୍ ଫୁସ୍, ଭକ୍ ଭକ୍, ଧକ୍ ଧକ୍, ହନୁମାନ୍, ଥନ୍ ଥନ୍, ଠନ ଠନ୍, ଶତ୍‌କାର, ଠଣ୍ ଠଣ୍, ଅସତ୍‌କାର, ଉତ୍‌ପାତ, ଚମତ୍‌କାର୍, ଠକ୍ ଠାକ୍, ସକ୍ ସକ୍, ଉତ୍‌କଣ୍ଠା, ବଳବାନ୍, ବୁଦ୍ଧିମାନ୍ ।

ସତ୍‌ସଙ୍ଗରେ ବୈକୁଣ୍ଠ ବାସ । ଅସତ୍ ସଙ୍ଗରେ ସର୍ବନାଶ । ଶରତ୍‌କାଳରେ ଆକାଶ ନିର୍ମଳ ଥାଏ । ବାଘର ଆଖିର ଡୋଳା ରାତିରେ ଜକ୍ ଜକ୍ ଦିଶେ । ଦୁର୍ଯ୍ୟୋଧନ ଚିତ୍ ହୋଇ ଶୋଇଛନ୍ତି । ହରେକୃଷ୍ଣ ମାଷ୍ଟର ମହାଶୟଙ୍କୁ ଦେଖିଲାକ୍ଷଣି ଚୁପ୍ ହୋଇଗଲା । ରାମକୃଷ୍ଣ ହସ୍ତରୁ ପୁସ୍ତକ ଖଣ୍ଡିକ ହଠାତ୍ ଖସି ପଡ଼ିଲା । ଦୀନକୃଷ୍ଣ ଘରେ ବଡ ଉତ୍ପାତ କରୁଛନ୍ତି । ଇନ୍ଦ୍ରମଣି ଠିକ୍ କଥା କହୁଛନ୍ତି । ସବୁବେଳେ ଫୁସ୍ ଫୁସ୍ ହେବାର ଉଚିତ ନୁହେ ।

ଚଉଅଶୀତିତମ ପାଠ

ଆଜ୍ଞା	ବିଜ୍ଞ	ଯଜ୍ଞ

ଗ୍ୟ	ଜ୍ଞ

ଜ୍ଞାନ, ଅଜ୍ଞ, ପ୍ରାଜ୍ଞ, ଜ୍ଞାନୀ, ବିଜ୍ଞାନ, କୃତଜ୍ଞ, ଜିଜ୍ଞାସା, ସାମ୍ରାଜ୍ଞୀ, ଅଜ୍ଞାନ, ପ୍ରତିଜ୍ଞା, ସର୍ବଜ୍ଞ, ଅବଜ୍ଞା, ମନୋଜ୍ଞ, ବିଜ୍ଞାପନ ।

ଜ୍ଞାନ ମନୁଷ୍ୟର ପରମଧନ । ସଂସାରରେ ଅନ୍ନଦାତା ଓ ଜନ୍ମଦାତାଙ୍କ ଅପେକ୍ଷା ଜ୍ଞାନଦାତାଙ୍କର ଗୌରବ ଅଧିକ । ଶରତ୍

Source: FB Nanda, Digitized by PPRACHIN, SOA

ବୁଦ୍ଧିମାନ୍ ଓ କଷ୍ଟସହିଷ୍ଣୁ ଅଟେ । ସେ ସର୍ବଦା ଜ୍ଞାନ ଅର୍ଜନ କରିବାକୁ ବ୍ୟାକୁଳ । ସେ ଗୁରୁଜନମାନଙ୍କର ଆଜ୍ଞା ଲଙ୍ଘନ କରେନାହିଁ କି କାହାକୁ ଅମାନ୍ୟ କରେ ନାହିଁ । ସମସ୍ତେ ଶରତର ଆଦର୍ଶ ସ୍ଥାନୀୟ ହୋଇ ତାହା ପରି ହେବାକୁ ଚେଷ୍ଟା କରିବା ଉଚିତ ।

ଷଡ଼ଶିତିତମ ପାଠ

ରତ୍ନ	ଯତ୍ନ	ପତ୍ନୀ

ତ୍ନ	ତ୍ନ

ସପତ୍ନୀ, ରତ୍ନାକର ।

ରତ୍ନାକର ଅଜ୍ଞାନ ବାଳକ ଅଟେ । ବିଜ୍ଞଜନମାନେ ଯତ୍ନବଳରେ ରତ୍ନଲାଭ କରନ୍ତି । ଲକ୍ଷ୍ମୀ ଓ ସରସ୍ୱତୀ ବିଷ୍ଣୁଙ୍କର ଦୁଇ ସପତ୍ନୀ ଅଟନ୍ତି । ରାମଚନ୍ଦ୍ରଙ୍କର ପତ୍ନୀ ସତୀ ସୀତା ଲଙ୍କାପୁରୀରେ ବହୁତ କଷ୍ଟ ସହିଥିଲେ । ସାବିତ୍ରୀ ତାଙ୍କର ଅନ୍ଧ ଶ୍ୱଶୁରଙ୍କୁ ଅତି ଯତ୍ନରେ ନିଜ ପୁତ୍ର ପରି ପାଳନ କରୁଥିଲେ ।

ସପ୍ତଶିତିତମ ପାଠ

କଅଁା  ଅମ୍ଳିଲାଲ୍ଟରେ ।

Source: FB Nanda, Digitized by PPRACHIN, SOA



ଗାତଭିତରେ ରହେ ।

ସୁନାରେ ଢଆରହୁଏ ।

ବୈଦ୍ୟ ରୋଗୀକୁ ଦେଉଅଛନ୍ତି ।

ବଗିଚାରେ ଫୁଟିଅଛି ।

Source: FB Nanda, Digitized by PPRACHIN, SOA

ମଇଲାଲୁଗା କାଚେ ।

ଅମ୍ଭେମାନେ ଗାଈର ଦୁଧ ଖାଉଁ ।

ଫୁଲଗଛରେ
ବସିଅଛି ।

ମିଆଉଁ ମିଆଉଁ କରେ ।

ଆଙ୍ଗଣରେ

ଛଆଇ ହୁଏ ।

[illegible]ଲେ

ରାବକରେ ।

Source: FB Nanda, Digitized by PPRACHIN, SOA

-ଙ୍ଗୀରାଙ୍ଗ ଗଣୁଅଛୁ ।

ବଣରେ ଥାଏ ।

ଶକୁନ୍ତଳା ବସିଅଛୁ ।

ମାନେ ତପସ୍ୟା କରନ୍ତି ।

·ଉଇମାନେ ରେ ରହନ୍ତି ।

Source: FB Nanda, Digitized by PPRACHIN, SOA

ଘର ଜଗେ ।

ଅମ୍ଭେମାନେ  ରେ ମୁହଁଦେଖୁ ।

ରେ ପାଣି ଅଣ ।

ପାଣିରେ ପହଁରେ ।

Source: FB Nanda, Digitized by PPRACHIN, SOA

ପୂର୍ବ ଦିଗରେ ଉଦୟ ହୁଅନ୍ତି ।

 ଖୋଲା ଅଛି ।

ମାତା ପୁତ୍ରକୁ  ଦେଖାଉ ଅଛନ୍ତି ।

ଅମ୍ଭେମାନେ ବାଜିଲେ ପାଠଶାଳାକୁ ଯାଉଁ ।

Source: FB Nanda, Digitized by PPRACHIN, SOA

ଅଷ୍ଟାଶୀତିତମ ପାଠ



ଜହ୍ନ ମାମୁ ।

ଜହ୍ନମାମୁ ଆରେ ଶରଦ ଶଶୀ,
ମୋ କାହ୍ନୁ ସଙ୍ଗରେ ଖେଳ ତୁ ବସି ।
ତୋ ସଙ୍ଗରେ ଖେଳି ମୋ କଳା କାହ୍ନୁ,
ସକଳ ବିଷାଦ ତେଜିବ ମନୁ ।
ସ୍ୱରଗ ଭୁବନୁ ଆସ ଓହ୍ଲାଇ,
ମୋର କାହ୍ନୁ ମନ ଦିଅ ଭୁଲାଇ ।
ମୋ ଧନ ସଙ୍ଖାଳି ହାତକୁ ଖସ,
ତୋତେ ଦେଖି କାହ୍ନୁ ହେବ ହରଷ ।
ତୋ ସମାନ ଅଟେ ମୋ କାହ୍ନୁ ମୁଖ,
ତା ଦେଖି ପାସୋରେ ସକଳ ଦୁଃଖ ।
ମୋ କାହ୍ନୁଟି ଯେହ୍ନେ ହୃଦଅ ଗୃନ୍ଦ,
ତାକୁ ପାଇ ମୋର ବଡ଼ ଆନନ୍ଦ ।
ଜହ୍ନମାମୁ ତୁହି ଆକାଶେ ରଜା,
ଆଜ ଯେତେ ତାରା ତୋର ପରଜା ।

Source: FB Nanda, Digitized by PPRACHIN, SOA

ଗୁଳ
ଅମ୍ଭେମାନେ

କୁ ଯିବା ।

ମୁଣ୍ଡଟି
ବଡ଼ ଝାଣ ।

ବନ୍ଧୁମାନେ

ବସିଛନ୍ତି ।

ଧର ଦଏ ନାହିଁ ।

Source: FB Nanda, Digitized by PPRACHIN, SOA

ଦର୍ପଣ ପରାୟେ ତୋ ରୂପ ଝଳ,
କିଏ ଶୋଭା ତାର ପାରିବ କଳି ।
କୃଷ୍ଣପକ୍ଷେ ଛିଡୁ ତୁ ଦିନୁଦିନ,
ବଢ଼ି ଶୁକ୍ଳପକ୍ଷେ ଦେଉ କିରଣ ।
ତୋ କିରଣ ପାଇ ଫୁଟଇ କଇଁ,
ତା ଶୋଭା ବଚନେ ନୁହଇ କହି ।
ତୋହ୍ନ ଲାଗି ହୁଏ ଉଜ୍ଜ୍ୱଳ ରାତି,
କାହ୍ନୁ ଲାଗି ଘର ଉଜ୍ଜ୍ୱଳ ନିତି ।
ଜହ୍ନମାମୁ ସମ ହୁଅ ମୋ ଧନ,
ତୋତେ ଦେଖି ଖୁସି ହେବ ମୋ ମନ ।

ଊନନବତିତମ ପାଠ

ମେଣ୍ଢା ଜଗୁଆଳ ଓ ଗଧିଆ କଥା ।

ଦାମ ନାମରେ ଗୋଟିଏ ଗଉଡ଼ ପିଲା ନିତି ଜଙ୍ଗଲରେ ମେଣ୍ଢା ଜଗୁଥିଲା । ସେ କୌତୁକ ଦେଖିବା ପାଇଁ ଚାରି ପାଞ୍ଚଥର ମିଛରେ ଡାକ ପକାଇଲା, "ଗଧିଆ ଅସିଲା ହୋ ଗଧିଆ ଅସିଲା, ଧାଇଁ ପଡ଼ ହୋ ଧାଇଁ ପଡ଼ ।" ତାହାର ଡାକଶୁଣି ଗାଁର ଲୋକମାନେ ତାକୁ ରକ୍ଷା କରିବା ପାଇଁ ନିଜନିଜର କାମଧନ୍ଦା ଛାଡ଼ି ଠେଙ୍ଗାବାଡ଼ି ଧରି ଦୌଡ଼ିଲେ । ତା ପାଖରେ ପହଞ୍ଚି ଦେଖିଲା ବେଳକୁ ସେ ଠୋ ଠୋ କରି ହସୁଛି । ସମସ୍ତେ ତା ଉପରେ ରାଗି ଫେରି ଅସିଲେ । ଦିନେ ସତକୁ ସତ ଗଧିଆଟାଏ ଅସି ମେଣ୍ଢାପଲରେ ପଶିଯିବାରୁ ଦାମ ସବୁଦିନ ପରି ଡାକ ପକାଇଲା । କିନ୍ତୁ ତାହାର

Source: FB Nanda, Digitized by PPRACHIN, SOA

କଥା ମିଛ ମନେ କରି ତାହାକୁ ସାହାଯ୍ୟ କରିବାକୁ କେହି ଆସିଲେ ନାହିଁ । ଗଧିଆ ଦାମକୁ ବନ ଭିତରକୁ ଘୋଷାରି ନେଇ ମାରି ପକାଇଲା ଏବଂ ଆନନ୍ଦରେ ବସି ତାହାର ମାଂସ ଟିକ୍ ଟିକ୍ କରି ଖାଇଲା । ପିଲାମାନେ, ଗୋଟିଏ କଥା ମନେ ରଖ, ଯେ ସବୁଦିନେ ମିଛ କଥା କହେ ସେ ଅଉ ଯେତେ ସତକଥା କହୁଲେ ମଧ୍ୟ ତାହାକୁ କେହି ବିଶ୍ୱାସ କରନ୍ତି ନାହିଁ ।

———

ନବତିତମ ପାଠ

ମୂଷାଛୁଆ କଥା ।

ଗୋଟିଏ ମୂଷାଛୁଆ ଦିନେ ବୁଲି ଯାଉଥିବାବେଳେ ଗୋଟିଏ ଯନ୍ତା ଦେଖିଲା । ସେ ଯନ୍ତାଟି ଦେଖିବାକୁ ଠିକ୍ ଘର ପରି । ପୁଣି ତାହା ଭିତରେ ଗୋଟିଏ ପାଚିଲା କଦଳୀ ଓହଳା ହୋଇଅଛି । ସେ ଫେରି ଆସି ତାହାର ମା' ସଙ୍ଗରେ ଲାଗାଇଲା, "ମା, ଚାଲ ମୁଁ ଯେଉଁ ସୁନ୍ଦର ଘର ଦେଖି ଆସିଛି ସେଠିକି ଯିବା । ସେଠାରେ ଭଲ ଖାଇବା ଦରବ ଅଛି ।" ତା ମା' ତାକୁ ସେଠାକୁ ଯିବାକୁ ଯେତେ ମନା କଲା ସେ ମାନିଲା ନାହିଁ । ମା ଡ଼ରରେ ଏପାଖ ସେପାଖ ହେଉଥାଏ । ଶେଷରେ ତାର ମା ଟିକିଏ ଭୋଳାଇ ପଡ଼ିବାରୁ ସେ ଅମାନିଆ ହୋଇ ଯନ୍ତା ନିକଟକୁ ଯାଇ ଯନ୍ତା ଭିତରେ ପଡ଼ି ମଲା । ବାପମା-ଙ୍କର କଥା ନ ମାନିଲେ ଲୋକେ ଏହିପରି ଫଳ ପାଆନ୍ତି ।

———

Source: FB Nanda, Digitized by PPRACHIN, SOA

ଏକନବତିତମ ପାଠ

ପିମ୍ପୁଡ଼ି ଓ ଝିଣ୍ଟିକା ।

ଗୋଟିଏ ପିମ୍ପୁଡ଼ି ଓ ଗୋଟିଏ ଝିଣ୍ଟିକା ଦୁହେଁ ସଙ୍ଗାତ ବସିଲେ । ପିମ୍ପୁଡ଼ି ସକାଳୁ ଉଠି ରାତି ହେବାଯାଏ ଟିକିଏ ହେଲେ ନ ବସି ସବୁବେଳେ ପରିଶ୍ରମ କରେ ଏବଂ ବର୍ଷାଦିନେ କୋଉଆଡ଼େ ଯାଇ ଆସି ପାରିବ ନାହିଁ ବୋଲି ଖାଇବା ଦରବ ସଞ୍ଚ ରଖେ। କିନ୍ତୁ ଝିଣ୍ଟିକା ସକାଳୁ ସନ୍ଧ୍ୟାଯାଏ ଖାଏ । ବର୍ଷାଦିନ ହେବାରୁ ପିମ୍ପୁଡ଼ି ସଞ୍ଚିରଖିଥିବା ଖାଦ୍ୟତକ ଖାଇ ଆନନ୍ଦରେ ଦିନ କଟାଇ ଦେଲା । ଝିଣ୍ଟିକା ବର୍ଷାରେ କାହିଁ ଯାଇ ଆସି ନପାରି ଏବଂ ଖାଇବା ଦରବ ନପାଇ ଛଟପଟ ହୋଇ ମଲା । ପିଲାମାନେ, ତୁମ୍ଭେମାନେ ଯଦି ଆଜିକାଲି ଏହି ପିଲାଦିନରୁ ସବୁବେଳେ ପରିଶ୍ରମ କରି ମନଦେଇ ପାଠ ନ ପଢ଼ିବ ତେବେ ବଡ଼ ହେଲେ ଝିଣ୍ଟିକା ପରି କଷ୍ଟ ଭୋଗ କରିବ ଏବଂ ଖାଇବା ବିନା ଛଟପଟ ହେବ ।

ଦ୍ୱିନବତିତମ ପାଠ

ହଂସ ଓ ବାଳିକା କଥା ।

ସୁଶୀଳା ନାମରେ ଗୋଟିଏ ବାଳିକା ଗୋଟିଏ ହଂସ ପାଳିଥିଲା। ସେ ତାକୁ ଭାରି ସ୍ନେହ କରେ ଓ ଖୁବ୍ ଆଦରର ସହିତ ନିଜର ଖାଇବା ଜିନିସ ଆଣି ତାକୁ ଦିଏ । କିଛି ଦିନପରେ ହଂସଟି

Source: FB Nanda, Digitized by PPRACHIN, SOA

ପ୍ରତିଦିନ ଗୋଟିଏ ଗୋଟିଏ ଡିମ୍ବ ଦେବାକୁ ଲଗିଲା । ସୁଶୀଳା ମନେ ମନେ ଭାବିଲା ମୁଁ ଯଦି ଏହି ହଂସକୁ ଖୁବ୍ ବେଶୀ ବେଶୀ ଖାଇବାକୁ ଦେବି ତାହାହେଲେ ମୋର ହଂସୀ ପ୍ରତିଦିନ ଅଧିକ ବେଶୀ ଡିମ୍ବ ଦେବ । ଏହାଭାବି ସେ ତାର ହଂସକୁ ଦିନସାରା ସବୁବେଳେ ଖୁଆଇବାକୁ ଲଗିବାରୁ ହଂସଟି ଖାଇବା ଦରବ ହଜମ କରି ନ ପାରି ରୋଗରେ ପଡ଼ିଲା ଏବଂ ସେହି ରୋଗରେ ତାର ପ୍ରାଣ ଗଲା । ହଂସଟି ମରିଯିବାରୁ ସୁଶୀଳା ଭୋ ଭୋ କରି କାନ୍ଦି କାନ୍ଦି ଶେଷରେ ନିରାଶ ହୋଇ ରହିଲା । ସୁଶୀଳା ପରି ଅତି ଲୋଭ କରିବା ଅଚ୍ଛୋ ଉଚିତ ନୁହେଁ ।

ତ୍ରିନବତିତମ ପାଠ ।

ପୁସ୍ତକଦୋକାନ ।

କୁଳମଣି:—ନମସ୍କାର ମହାଶୟ, ଆପଣଙ୍କ ଦୋକାନରେ ବର୍ଣ୍ଣବୋଧ ବହି ଅଛି କି ?

ଦୋକାନଦାର:—ହଁ, ଅଛି ।

କୁଳମଣି:—ଦୁଇଖଣ୍ଡ ବର୍ଣ୍ଣବୋଧ ବହି ଦିଅନ୍ତୁ ।

ଦୋକାନଦାର:—ହେଇ ନିଅ ।

କୁଳମଣି:—ଏହି ବହି ଦୁଇଖଣ୍ଡ ମୁଁ ମୋର ସାନଭାଇ ନୀଳମଣି ଓ ଭଉଣୀ ପାର୍ବତୀ ପାଇଁ ନେଉଅଛି । ମୋ ପାଇଁ ଖଣ୍ଡିଏ ଶିଶୁବୋଧ ବହି ଅନୁଗ୍ରହ କରି ବାହାର କରିବେ କି ?

ଦୋକାନଦାର:—ହଁ, ଦେଉଛି । ଟିକିଏ ଅପେକ୍ଷା କର ।

(କିଛି ସମୟ ବହି ଅଲମାରି ଖୋଲାଇ)

Source: FB Nanda, Digitized by PPRACHIN, SOA

ଦୋକାନଦାର:—ହେଉଛି ନିଅ ଶିଶୁବୋଧ ବହି ।

କୁଳମଣି:—ଆଜ୍ଞା, ଆପଣଙ୍କ ଏହି ତିନିଖଣ୍ଡ ବହିର ମୂଲ୍ୟ କେତେ ?

ଦୋକାନଦାର:—ଶିଶୁବୋଧ ଖଣ୍ଡକର ଦାମ ଦୁଇଅଣା ଏବଂ ବର୍ଣ୍ଣବୋଧ ଦୁଇଖଣ୍ଡର ଦାମ ତିନିଅଣା ଲେଖାଏଁ ଛଅ ଅଣା ।

କୁଳମଣି:—ମୋ ପାଖରେ ତ ଅଠଅଣା ନାହିଁ । ସାତଅଣା ପଇସା ଅଛି । ମୁଁ କେମିତେ କଣି କରିବି ?

ଦୋକାନଦାର:—ଆଚ୍ଛା ତୁମ୍ଭର ବ୍ୟବହାରରେ ମୁଁ ବଡ଼ ସନ୍ତୁଷ୍ଟ ହୋଇଅଛି । ତୁମ୍ଭଙ୍କୁ ଏକଅଣା ଛାଡ଼ି ଦେଲି । ଯେଉଁ ସାତଅଣା ଆଣିଛ ତାହା ଦିଅ ।

କୁଳମଣି:—ନିଅନ୍ତୁ ମହାଶୟ, (ପଇସା ଦୋକାନଦାର ହାତକୁ ଦେଇ) ସାତଅଣା ପଇସା ଦେଲି । ପ୍ରଣାମ, ଯାଉଛି ।

ଦୋକାନଦାର:—ହଉ, ଯାଅ ଧନ୍ୟବାଦ ।

ଚତୁର୍ନବତିତମ ପାଠ

ମାଙ୍କଡ଼ ଓ କେଉଟ ।

ଥରେ କେଉଟମାନେ ନଦୀରେ ଜାଲ ପକାଉଥିଲେ । ଗୋଟିଏ ମାଙ୍କଡ଼ ନଈକୂଳରେ ବରଗଛ ଉପରେ ବସି ସେମାନଙ୍କ ଜାଲପକା ଦେଖୁଥିଲା । କେଉଟମାନଙ୍କୁ ଭାରି ଭୋକ ହେବାରୁ ସେମାନେ ଜାଲକୁ ନଈ ଖଣ୍ଡିରେ ରଖି ଦେଇ ଘରକୁ ଖାଇବାକୁ ଗଲେ । ମାଙ୍କଡ଼ ତ ଅନ୍ୟଠାରୁ ଯାହା ଦେଖେ ଠିକ୍ ସେହିପରି ନକଲ କରିପାରେ । ସେ କେଉଟମାନଙ୍କ ଯିବା ପରେ ଜାଲକୁ

Source: FB Nanda, Digitized by PPRACHIN, SOA

ନଈ ଖଣ୍ଡିରୁ ଆଣି କେଉଟମାନଙ୍କ ପରି ପକାଇବାକୁ ଲାଗିଲା । ଏପରି ପକାଉଁ ପକାଉଁ ଜାଲରେ ଛନ୍ଦି ଘୁନ୍ଦି ହୋଇ ପାଣି ଭିତରେ ବୁଡ଼ି ଗଲା । ସେତେବେଳେ ସେ ଭାବିଲା, "ମତେ ଠିକ୍ ଦଣ୍ଡ ହୋଇଛି । ମୁଁ ତ ଜାଲ ପକାଇ ଆଦୌ ଜାଣେ ନା । ତେବେ ମୋର ଜାଲ ଧରି ଯିବା କି ଆବଶ୍ୟକ ଥିଲା ।"

ପଞ୍ଚନବତିତମ ପାଠ

ବୁଢ଼ା ଓ ବାଡ଼ିଗୋଛା ।

ଜଣେ ବୁଢ଼ାର ସାତଟି ପୁଅ ଥିଲେ । ସେମାନେ ସବୁବେଳେ ନିଜ ନିଜ ଭିତରେ କଳି ଝଗଡ଼ା କରୁଥିଲେ । ବୁଢ଼ା ସେମାନଙ୍କୁ ଯେତେ ଉପଦେଶ ଦେଲା ତାର କଥା କେହୁ ଶୁଣିଲେ ନାହିଁ । ସେ ଶକ୍ତ ବେମାର ପଡ଼ିଲା । ବୁଢ଼ା ଦେଖିଲା ଯେ ଆଉ ତାର ବଞ୍ଚିବାର ଆଶା ନାହିଁ । ତହୁଁ ସେ ମରିବାର କିଛି ସମୟ ପୂର୍ବରୁ ଗୋଛାଏ ବାଡ଼ି ଆଣି ତା ବିଛଣା ପାଖରେ ରଖି ପୁଅମାନଙ୍କୁ ଡକାଇଲା । ପୁଅମାନେ ଆସିବାରୁ ସେମାନଙ୍କୁ ଜଣ ଜଣ କରି ବାଡ଼ି ଗୋଛାଟିକୁ ଭାଙ୍ଗିବାକୁ ଦେଲା । କିନ୍ତୁ କେହି ପାରିଲେ ନାହିଁ । ଶେଷରେ ବୁଢ଼ା ବାଡ଼ି ଗୋଛାଟି ଫିଟାଇ ଦେଇ ତାହାର ପୁଅମାନଙ୍କୁ ଖଣ୍ଡ ଖଣ୍ଡ କରି ଭାଙ୍ଗିବାକୁ ଦେଲା । ସେମାନେ ସହଜରେ ଖଣ୍ଡେ ଖଣ୍ଡେ ବାଡ଼ି ଭାଙ୍ଗି ଦେଲେ । ସେଠାରୁ ବୁଢ଼ା ପୁଅମାନଙ୍କୁ କହିଲା, "ଦେଖ ପୁଅମାନେ, ଏ ବାଡ଼ିଗୁଡ଼ାକ ଏକାଠି ବନ୍ଧା ହୋଇଥିବାରୁ ଗୋଟାଏ କେହି ଭାଙ୍ଗି ପାରିଲ ନାହିଁ । ମାତ୍ର ଖଣ୍ଡ ଖଣ୍ଡ

Source: FB Nanda, Digitized by PPRACHIN, SOA

ଛଡ଼ାଇଯିବାରୁ ଠିକ୍ ଠାକ୍ ଭାଙ୍ଗି ଗଲା । ସେହିପରି ତୁମ୍ଭେମାନେ ସବୁ ଭାଇମାନେ ଯଦି ବାଡ଼ି ଗୋଛା ପରି ଏକାଠି ମିଳି ମିଶି ରହିବ, ତାହାହେଲେ ଶତ୍ରୁମାନେ ତୁମ୍ଭମାନଙ୍କର କିଛି ଅନିଷ୍ଟ କରି ପାରିବେ ନାହିଁ । ସୁଖରେ ରହିବ । ନାହିଁ ଯଦି କଳି ତକରାଳ କରି ବାଡ଼ି ଗୁଡ଼ାକ ଖଣ୍ଡ ଖଣ୍ଡ ହେଲା ପରି ଅଲଗା ଅଲଗା ହୋଇଯାଅ ତେବେ ତୁମ୍ଭମାନଙ୍କର ବଳ ଭାଙ୍ଗି ଯିବ ଓ ଶତ୍ରୁମାନେ ତୁମ୍ଭମାନଙ୍କୁ ହରାଇ ଦେବେ ।" ଯୋଡ଼ାକୁ ଘୋଡ଼ା ସରି ନୁହେ ।

ଷଡ଼ନବତିତମ ପାଠ

କେତକୀ ଓ ସେବତୀର କଥାବାର୍ତ୍ତା ।

କେତକୀ—ନାନି, ତୁ ପାଞ୍ଚଦିନ ହେଲା କୁଆଡ଼େ ଯାଇଥିଲୁ ? ତୋର ତ ଦେଖା ନ ଥିଲା ? ତତେ ମୁଁ ଯେତେ ଖୋଜୁଛୁ ?

ସେବତୀ—ଅଲୋ କେତକୀ ଭଉଣୀ ? ମୁଁ ପରା ମାମୁଁ ଘରକୁ ଯାଇଥିଲି, ମୋ ମାମୁଁ ଝିଅ ନିଅଳିର ବାହାଘର ହେଉଥିଲା ।

କେତକୀ—ଅଚ୍ଛା ବାହାଘରରେ କଣ କଣ ଦେଖିଲୁ ମ ?

ସେବତୀ—ବାହାଘର ଦିନ ବେଳବୁଡ଼େ ପାଲିଙ୍କିରେ ବସି ବର ଆସିଲା । କେତେ ବାଜା ବାଜିଲା । କେତେ ଜାତି ବାଣ ଫୁଟିଲା । ପୁରୋହିତେ ଜୋଇଁ ଓ ନିଅଳିକୁ ବେଦୀ ଉପରେ ବସାଇ ମନ୍ତ୍ର ପଢ଼ି ବାହା କରିଦେଲେ ।

Source: FB Nanda, Digitized by PPRACHIN, SOA

କେତକୀ ବାହ୍ନାଘର ଦିନ ମାମୁଁ ଘରେ କଣ କଣ ଖାଇଲୁ ଲୋ ?

ସେବତୀ—ସକାଳଓଳି ଭାତ, ମୁଗଡାଲି, ମାଛ ତିଅଣ, ଅମ୍ବିଳ, କଦଳୀଭଜା ଓ ଗୋଲଆଳୁଘଣ୍ଟା ତିଅଣ ଖାଇଲି । ବେଳ-ବୁଡ଼େ ମିଠେଇ, ରସଗୋଲା, ସନ୍ଦେଶ, ଗଜା, ସୁଜିଖିରି, କାକରା, ନାନାମାନପିଠା ଓ ଅମୃତକୁଣ୍ଡ ଏବଂ ଆଉ କେତେ ଭଲ ଭଲ ସୁଆଦିଆ ଜଳଖିଆ ଖାଇଲି । ପୁଣି ରାତିକି ସକାଳ ପରି ଭାତ, ତିଅଣ, ଖିରି, ପିଠା ପ୍ରଭୃତି ଖାଇଲି ।

କେତକୀ—ତୋତେ ମାମୁଁଘର କି ଲୁଗା ଦେଇଛନ୍ତି ?

ସେବତୀ—ହେଇ ଏଇ ଯେଉଁ ନୂଆ ମାଙ୍କଡ଼ଶାଢ଼ୀଖଣ୍ଡ ପିନ୍ଧିଛି ଏଖଣ୍ଡ ମୋର ଆଈ ମୋତେ ବାହ୍ନାଘରଦିନ ପିନ୍ଧିବାକୁ ଦେଲେ । ପୁଣି ଆସିଲାବେଳେ ମୋର ମାଇଁ ଓ ମାଉସୀମାନେ ପିଣି ପାଞ୍ଚଟଙ୍କା ଦେଲେ ।

କେତକୀ—ହଉ, ଆ, ଡେରି ହେଲାଣି । ଚାଟଶାଳୀକୁ ଯିବା । ଗୁରୁ ଗାଳି ଦେବେ । ଆମ ସାଙ୍ଗ ପିଲାମାନେ ସବୁ ଅନେକ ବେଳୁଁ ଆସି ହୋଇଥିବେ ପାଠପଢ଼ି ସାରିଲେଣି ।

ସେବତୀ—ଚାଲ, ଅତିଶୀଘ୍ର ଯିବା, ଚାଟଶାଳୀରୁ ଛୁଟି ହୋଇ ଆସିଲା-ବେଳେ ବଗିଚାରୁ ନାନା ରକମର ଫୁଲ ତୋଳି ଆଣିବା ଏବଂ ଘରବେଳେ ସେଗୁଡ଼ିକ ସଜାଇ ମାଳ ଗୁନ୍ଥିବା ।

ସପ୍ତନବତିତମ ପାଠ

ପିମ୍ପୁଡ଼ି ଓ କାପ୍ତା ।

ଦିନେ ଗୋଟିଏ ପିମ୍ପୁଡ଼ି ନଈରୁ ପାଣି ପିଉ ପିଉ ନଈସୁଅରେ ଭାସିଗଲା । ସେ ପାଣିରେ ବୁଡ଼ିଯିବାକୁ ବସିଛି ଏପରି ସମୟରେ ଗୋଟିଏ କାପ୍ତା ନଈକୂଳରେ ଥିବା ଗୋଟିଏ ଗଛରେ ବସି ଏହା ଦେଖି ପାରିଲା । କାପ୍ତାର ବଡ଼ ଦୟା ହେବାରୁ ସେ ଗଛରୁ ଗୋଟିଏ ପତ୍ର ପିମ୍ପୁଡ଼ି ପାଖକୁ ଖସାଇ ଦେଲା । ପିମ୍ପୁଡ଼ି ସେହି ପତ୍ର ଉପରେ ଚଢ଼ିଗଲା । ପତ୍ରଟି ଅସ୍ତେ ଆସ୍ତେ ଭାସି ଭାସି ଆସି କୂଳରେ ଲାଗିବାରୁ ପିମ୍ପୁଡ଼ିଟି ବଞ୍ଚିଗଲା । ସେ କାପ୍ତାର ଏହି ଉପକାର କଥା ମନେ ରଖିଥାଏ । ଦିନେ ଗୋଟିଏ କେଳା କାପ୍ତାକୁ ମାରିବା-ପାଇଁ ଗଛ ମୂଳରେ ନଳ ଯୋଖିଲା । ଏହା ଦେଖି ପିମ୍ପୁଡ଼ି ସେ କେଳାର ଗୋଡ଼କୁ ଚୁହଁକିନା ଏମିତ ପୁଳାଏ ଜୋର୍‌ରେ କାମୁଡ଼ିଲା ଯେ, କେଳା ନଳ ଯୋଖିବ କଣ ଗୋଡ଼ ଆଉଁସି ବସିଲା । ସେହି ସମୟରେ କାପ୍ତାଟି ଗଛରୁ ଉଡ଼ି ଯାଇ ନିଜର ପ୍ରାଣରକ୍ଷା କଲା । ପିଲାମାନେ, କାହାର ଉପକାର କରିବାକୁ କୁଣ୍ଠ କୁଣ୍ଠ ହେବ ନାହିଁ । କାରଣ ତୁମେ ଯଦି କାହାର ଉପକାର କରିଥିବ ତାହାହେଲେ ସେ ନିଶ୍ଚୟ ଦିନେ ହେଲେ ତୁମର ଉପକାର କରି ତାହା ସୁଝାଇ ଦେବ ।

Source: FB Nanda, Digitized by PPRACHIN, SOA

ଅଷ୍ଟନବତିତମ ପାଠ

ପୀଡ଼ିତ ହରିଣ ।

ଗୋଟିଏ ହରିଣର ଦେହ ଦୁଃଖ ହେବାରୁ ସେ କୁଆଡ଼େ ଯାଇ ଆଉ ପାରିଲା ନାହିଁ । ଶେଷରେ ଗୋଟିଏ ପୁଆଳଗଦା ପାଖରେ ପଡ଼ି ରହିଲା । ତାହାର ବନ୍ଧୁବାନ୍ଧବମାନେ ଦେହ ଦୁଃଖ କଥା ଶୁଣି ତାକୁ ସଙ୍ଘୋଳିବାକୁ ଆସିଲେ । ସେମାନେ ସମସ୍ତେ ମୁଠାଏ ମୁଠାଏ ପୁଆଳ ଖାଇ ଦେବାରୁ ପୁଆଳତକ ସରିଗଲା । ପୁଆଳତକ ଶିଘ୍ର ସରିଲା ସେମାନେ ଚମ୍ପଟ୍ କଲେ । ହରିଣଟି ରୋଗରେ ପଡ଼ି ପଡ଼ି ଖାଇବାକୁ ନ ପାଇ ମଲା । କୁସଙ୍ଗୀମାନେ ଉପକାର ନ କରି ବରଂ ଅପକାର କରନ୍ତି ।

———

ଏକୋନଶତତମ ପାଠ

ପଶୁ, ପକ୍ଷି ଓ ବାଦୁଡ଼ି ।

ଥରେ ବଣରେ ପଶୁ ଓ ପକ୍ଷୀମାନଙ୍କ ମଧ୍ୟରେ ଲଢ଼ାଇ ହେଲା । କେତେବେଳେ ପଶୁମାନେ ଜିତନ୍ତି; କେତେବେଳେ ବା ପକ୍ଷୀମାନେ ଜିତନ୍ତି । ବାଦୁଡ଼ି କଣ କରେ ନା, ଯେତେବେଳେ ଦେଖେ ପଶୁମାନେ ଜିତନ୍ତି ସେତେବେଳେ ତାଙ୍କ ତରଫ ହୋଇଯାଏ । ଆଉ ଯେତେବେଳେ ଦେଖେ ଯେ ପକ୍ଷୀମାନେ ଜିତନ୍ତି ସେତେ-ବେଳେ ପକ୍ଷୀମାନଙ୍କ ଆଡ଼କୁ ହୋଇଯାଏ । ଏହିପରି ବାଦୁଡ଼ି ବରାବର କରୁଥାଏ । ଲଢ଼େଇ ଶେଷ ହେଲା, ପଶୁ ଓ ପକ୍ଷୀମାନେ

Source: FB Nanda, Digitized by PPRACHIN, SOA

ଆପଣା ଆପଣା ମଧ୍ୟରେ ମିଳିମିଶି ଗଲେ । ଶେଷରେ ସେମାନେ ବିଚାର କଲେ ଯେ ଏ ବାଦୁଡ଼ିଟା ବଡ଼ ଅବିଶ୍ୱାସୀ । ଆଉ ଏହା ସାଙ୍ଗରେ ସାଙ୍ଗ ହେବା ନାହିଁ, କି ଏହାକୁ ଆଦୌ ପାଖେ ପୂରାଇ ଦେବା ନାହିଁ । ସେହିଦିନଠାରୁ ବାଦୁଡ଼ି ଆଉ ଲାଜରେ କାହାରି ପାଖରେ ମୁହଁ ଦେଖାଇ ନ ପାରି ଦିନଯାକ ଅନ୍ଧାରିଆ ଜାଗାରେ ଲୁଚି ରହେ । ଆଉ ରାତି ହେଲେ ବାହାରି ଏକୁଟିଆ ଏଣେ ତେଣେ ବୁଲେ ।

ଶତତମ ପାଠ

ଭଗବାନ ଶ୍ରୀକୃଷ୍ଣ ।

ଭଗବାନ ଶ୍ରୀକୃଷ୍ଣ କଂସ ରାଜାକୁ ମାରିବାଲାଗି ମଥୁରାରେ ଜନ୍ମ ହୋଇଥିଲେ । ବସୁଦେବ ତାଙ୍କର ବାପା ଓ ଦେବକୀ ତାଙ୍କର ମାଁ ଥିଲେ । ଦେବକୀ ଓ ବସୁଦେବ କଂସରାଜା ଭୟରେ ଶ୍ରୀକୃଷ୍ଣ ଜନ୍ମ ହେଲାକ୍ଷଣି ତାଙ୍କୁ ନେଇ ଗୋପପୁରର ନନ୍ଦରାଜା ଘରେ ଥୋଇ ଆସିଲେ । ନନ୍ଦର ଘରଣୀ ଯଶୋଦା ବହୁକଷ୍ଟ ସହି ଅତି ଯତ୍ନରେ ଶ୍ରୀକୃଷ୍ଣଙ୍କୁ ପାଳିଲେ । ଶ୍ରୀକୃଷ୍ଣ ବଡ଼ ହେଲାକ୍ଷଣି କଂସରାଜାକୁ ମାରିଲେ ଏବଂ ଦ୍ୱାରକାରେ ରାଜାହେଲେ । ସେ ପାଣ୍ଡବମାନଙ୍କର ପ୍ରଧାନ ସଖା ଥିଲେ ଏବଂ ସେମାନଙ୍କୁ ବହୁତ ସାହାଯ୍ୟ କରିଥିଲେ । ଶ୍ରୀକୃଷ୍ଣ କେତେକ ବର୍ଷ ରାଜ୍ୟ ଶାସନ କଲେ । ଦିନେ ସେ ଜଙ୍ଗଲରେ ଗୋଟିଏ କୁଞ୍ଜଭିତରେ ଶିଅରି ଲତାରେ ବସି ଦୋଳି ଖେଳୁଥିବା ସମୟରେ ଦାଣ୍ଡନାମକ ଶବର ତାଙ୍କୁ ହରିଣ ବୋଲି ମନେକରି ଅଜାଣତରେ ମାରିଦେଲା ।

Printed by V. Kar. The U. S. Press, Cuttack.

Source: FB Nanda, Digitized by PPRACHIN, SOA